ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.279, Bhubaneswar Friday, December 20, 2019 | ୨୨ତମ ବର୍ଷ ସଂଖ୍ୟା-୨୭୯ ଭୁବନେଶ୍ୱର ,ଶୁକ୍ରବାର, ଡିସେମ୍ବର ୨୦, ୨୦୧୯ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹50 (Air Surcharge - 0.50P) Member-INS






# ଭୁବନେଶ୍ୱରରେ ପହଞ୍ଚିଲେ ଭାରତ ଓ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ଟିମ୍

ଭୁବନେଶ୍ୱର,(ପିଏନ)- ଆସନ୍ତା ୨୨ ତାରିଖରେ ବାରବାଟୀରେ ଖେଳାଯିବାକୁ ଥିବା ଏକ ଦିବସୀୟ ମ୍ୟାଚ୍ ପାଇଁ ଭାରତୀୟ କ୍ରିକେଟ୍ ଟିମ୍ ଏବଂ ୱେଷ୍ଟଇଣ୍ଡିଜ୍ କ୍ରିକେଟ୍ ଟିମ୍ ଗୁରୁବାର ଭୁବନେଶ୍ୱରରେ ପହଂଚିଛନ୍ତି। ଉଭୟ ଟିମ୍ ର ଖେଳାଳି ଓ ଅନ୍ୟାନ୍ୟ ଟିମ୍ ସଦସ୍ୟ ମାନେ ସ୍ୱତନ୍ତ୍ର ବିମାନ ଯୋଗେ ଆଜି ଅପରାହ୍ନ ପ୍ରାୟ ଗୋଟାଏ ସମୟରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିଥିଲେ। ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ କଡା ସୁରକ୍ଷା ଭିତରେ ଭୁବନେଶ୍ୱର ସ୍ଥିତ ଏକ ପଂଚତାରକା ହୋଟେଲକୁ ନିଆଯାଇଛି। ହୋଟେଲ ପକ୍ଷରୁ ଖେଳାଳି ମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ଅନ୍ୟପକ୍ଷରେ ନିଜ ପ୍ରିୟ ଖେଳାଳି ମାନଙ୍କୁ ଦେଖିବାପାଇଁ ଏୟାରପୋର୍ଟ ସମେତ ହୋଟେଲ ବାହାରେ କ୍ରୀଡାପ୍ରେମୀଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ସୂଚନା ଅନୁଯାୟୀ ଖେଳାଳି ଓ ଅଫିସିଆଲମାନଙ୍କ ପାଇଁ ଉକ୍ତ ହୋଟେଲରେ ୯୦ଟି ରୁମ୍ ବୁକ୍ ହୋଇଛି। ହୋଟେଲକୁ ସ୍ୱତନ୍ତ୍ରଭାବେ ସଜା ଯାଇଛି। ଏହା ବ୍ୟତୀତ ହୋଟେଲ ଭିତରେ ଓ ବାହାରେ କଡା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ସୂଚନାଯୋଗ୍ୟ, ଆସନ୍ତା ୨୨ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ତୃତୀୟ ତଥା ସିରିଜର ନିର୍ଣ୍ଣାୟକ ଦିନିକିଆ ଖେଳାଯିବ। ସିରିଜ ଏବେ ୧-୧ ସ୍ତରରେ ରହିଛି। ଯେଉଁ ଦଳ ଏଠାରେ ମ୍ୟାଚ୍ ଜିତିବ ସେହି ଦଳ ସିରିଜ କବଜା କରିବ। ସେଥିପାଇଁ ବାରବାଟୀ ମ୍ୟାଚ୍ ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି।

## ସବୁ ଟିକେଟ୍ ବିକ୍ରି

ଭୁବନେଶ୍ୱର, (ପିଏନ)- କଟକ ବାରବାଟୀ ଷ୍ଟାଡିୟମରେ ୨୨ ତାରିଖରେ ଖେଳାଯିବାକୁ ଥିବା ଭାରତ-ୱେଷ୍ଟ ଇଣ୍ଡିଜ୍ ଏକ ଦିବସୀୟ ମ୍ୟାଚ୍ ପାଇଁ କାଉଂଟରରେ ଟିକେଟ୍ ବିକ୍ରି ଆରମ୍ଭ ହୋଇଛି। ଟିକେଟ୍ ପାଇବା ପାଇଁ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ଦେଖିବାକୁ ମିଳିଛି। ଗୁରୁବାର ଭୋରୁ ବାରବାଟୀ ଷ୍ଟାଡିୟମ୍ ରେ ଖୋଲିଥିବା କାଉଂଟର ଆଗରେ କ୍ରିକେଟ୍ ପ୍ରେମୀଙ୍କ ଲମ୍ବା ଧାଡି ଦେଖିବାକୁ ମିଳିଥିଲା। ଏପରିକି କିଛି କ୍ରୀଡାପ୍ରେମୀ ଗତକାଲି ରାତିରୁ ସେଠାରେ ପହଂଚିଯାଇଥିଲେ। ଭିଡ ଏତେ ମାତ୍ରାରେ ବଢିଯାଇଥିଲା ଯେ ଏହାକୁ ସମ୍ଭାଳିବାକୁ ପୋଲିସ୍ କୁ ନାକେଦମ୍ ହେବାକୁ ପଡିଥିଲା। କିଛି ସମୟ ପାଇଁ ପୋଲିସ୍ ମୃଦୁ ଲାଠି ଚାଳନା ମଧ୍ୟ କରିଥିଲା। ଗୋଟିଏ ଦିନରେ ବିକ୍ରି ପାଇଁ ଉଦ୍ଦିଷ୍ଟ ସମସ୍ତ ଟିକେଟ୍ ବିକ୍ରି ହୋଇଯାଇଛି।

କଟକ ବାରବାଟୀ ଷ୍ଟାଡ଼ିୟମ ନିକଟରେ ଥିବା କାଉଂଟରରେ ଟିକେଟ ବିକ୍ରି ଆରମ୍ଭ ହୋଇଛି। ଏହାସହ ଯେଉଁମାନେ ଅନଲାଇନ ଟିକେଟ କରିଥିଲେ ସେମାନେ କଟକ କ୍ୟାମ୍ବରିଜ ସ୍କୁଲ କ୍ୟାମ୍ପସରୁ ଟିକେଟ ପାଇବେ। ୧୨ଟି କାଉଂଟରରେ ୧୦ ହଜାର ୩୯ଟି ଟିକେଟ ବିକ୍ରି ପାଇଁ ରଖାଯାଇଥିଲା। ଟିକେଟ ବିକ୍ରି କାଉଂଟର ନମ୍ବର ୧ ରୁ ୧୦ରେ ଗ୍ୟାଲେରି ନମ୍ବର ୧ ପାଇଁ ୩୪୯୮, ୨ ପାଇଁ ୪୭୭, ୩ ପାଇଁ ୩୭୩୬, ୪ ପାଇଁ ୯୮୨, ୬ ପାଇଁ ୧୫, କାଉଂଟର ନମ୍ବର ୧୧ ଓ ୧୨ରେ ସ୍ୱତନ୍ତ୍ର ଏନକ୍ଲୋଜର-ଏ ପାଇଁ ୧୧୮୦, ନୂତନ ପ୍ୟାଭିଲିୟନ ୮୬, କରପୋରେଟ ବକ୍ସ ୬୫ ଟିକେଟ ବିକ୍ରି ହୋଇଥିଲା।

## ସମ୍ବିଧାନ ମୁଖବନ୍ଧରେ 'ଅହିଂସା'କୁ ସ୍ଥାନିତ କରିବା ଦାବି ଦୋହରାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପିଏନ)- ଅହିଂସା ବିଶ୍ୱକୁ ଭାରତର ସବୁଠାରୁ ଶକ୍ତିଶାଳୀ ବାର୍ତ୍ତା। ଅହିଂସା ହିଁ ଆମ ସ୍ୱାଧୀନତା ସଂଗ୍ରାମକୁ ବିଶ୍ୱର ସବୁ ସଂଗ୍ରାମ ଠାରୁ ନିଆରା କରିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ସେହିପରି ଗାନ୍ଧିଜୀଙ୍କ ଜୟନ୍ତୀ ଅବସରରେ ଅହିଂସା ଶବ୍ଦ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ ହେଲେ ତାହା ମହାତ୍ମାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳୀ ହେବ ବୋଲି ମୁଖ୍ୟମନ୍ତ୍ରୀ ପୁଣି ଦୋହରାଇଛନ୍ତି । ଗୁରୁବାର ଦିଲ୍ଲୀ ରାଷ୍ଟ୍ରପତି ଭବନ ଠାରେ ଗାନ୍ଧିଜୀଙ୍କ ୧୫୦ ତମ ଜୟନ୍ତୀ ପାଳନ ନିମନ୍ତେ ଗଠିତ ଜାତୀୟ କମିଟିର ଦ୍ୱିତୀୟ ବୈଠକରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅହିଂସା ହିଁ ଶାନ୍ତି , ବିକାଶ ଓ ସାମ୍ୟତାର ମାର୍ଗ। ତେଣୁ ବିକାଶ ଲାଗି ଗାନ୍ଧିଜୀଙ୍କ ଅହିଂସା ମାର୍ଗକୁ ହିଁ ଯୁବ ସମାଜ ଆପଣାଇବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ଯୁବ ସମାଜ ମଧ୍ୟରେ ଅହିଂସା ଆଦର୍ଶର ବିକାଶ ଆମର ମହାନ ସଂଗ୍ରାମ ଏବଂ ମହାତ୍ମାଙ୍କୁ ଯୁଗ ଯୁଗ ପାଇଁ ପ୍ରେରଣାର ଉତ୍ସ କରି ରଖିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମହାତ୍ମା ଗାନ୍ଧିଙ୍କ ଅହିଂସା ତତ୍ତ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନୀତି ହେଉଛି ଯେ ଦାରିଦ୍ର୍ୟ ଓ ସାମାଜିକ ଅବିଚାର ସବୁଠାରୁ ବଡ ହିଂସା। ଗାନ୍ଧିଜୀଙ୍କ ମତରେ ଯେ ପର୍ଯ୍ୟନ୍ତ ଦାରିଦ୍ର୍ୟ ରହିଥିବା ସ୍ୱାଧୀନତା ମୂଲ୍ୟହୀନ। ବିନା ଅହିଂସାରେ ଗରିବର ଦୂର କରାଯାଇ ପାରିବ ନାହିଁ । ଜାତି ,ଧର୍ମ, ବର୍ଣ୍ଣ ଭିତିରେ ସମାଜକୁ ବିଭକ୍ତ କରୁଥିବା ଶକ୍ତିର ପରାଜୟରେ ହିଁ ପ୍ରଗତି ହାସଲ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ତେଣୁ ଗାନ୍ଧିଜୀଙ୍କ ଜୟନ୍ତୀ ଅବସରରେ ଅହିଂସା ଶବ୍ଦ ଭାରତୀୟ ସମ୍ବିଧାନର ମୁଖବନ୍ଧରେ ସ୍ଥାନିତ ହେଲେ ତାହା ମହାତ୍ମାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳୀ ହେବ। ଏହା ଭାରତ ତଥା ବିଶ୍ୱର ଉତରପୀଢୀକୁ ଗାନ୍ଧିଜୀଙ୍କ ଏହି ଉକ୍ତିର ଦୃଢ ସତ୍ୟତା ସବୁଦିନ ସ୍ମରଣ କରାଇଦେଉଥିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

## ଓଡ଼ିଶା ଉପକୂଳରୁ ପିନାକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଭୁବନେଶ୍ୱର, (ପିଏନ)- ଗୁରୁବାର ମଧ୍ୟାହ୍ନ ୧୨ଟାରେ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ପିନାକ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ ସମ୍ପନ୍ନ ହୋଇଛି। ଏହି ପରୀକ୍ଷଣ ଓଡ଼ିଶା ଉପକୂଳ ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର)ଠାରେ ସମ୍ପାଦିତ ହୋଇଥିଲା। ପିନାକ ହେଉଛି ଏକ ତୋପ କ୍ଷେପଣାସ୍ତ୍ର ବ୍ୟବସ୍ଥା ଯାହା ସମ୍ପୂର୍ଣ୍ଣ ସଠିକତା ସହ ୭୫ କିମି ପର୍ଯ୍ୟନ୍ତ ଶତ୍ରୁପକ୍ଷର ଲକ୍ଷ୍ୟସ୍ଥଳ ଭେଦ କରିବାରେ ସକ୍ଷମ ହେବ।

ଅନ୍ତିମ ସଠିକତା ଏବଂ ଦୂରତା ବୃଦ୍ଧି ଲାଗି ପିନାକ ଏମକେ-୨ ରକେଟକୁ ଦିଗ ନିର୍ଣ୍ଣୟ, ନିୟନ୍ତ୍ରଣ ଓ ମାର୍ଗଦର୍ଶନ ବ୍ୟବସ୍ଥା ସହିତ ଏକ କ୍ଷେପଣାସ୍ତ୍ରର ରୂପ ଦିଆଯାଇଛି। ଏହି କ୍ଷେପଣାସ୍ତ୍ରର ଦିଗ ନିର୍ଣ୍ଣୟ ବ୍ୟବସ୍ଥାକୁ ଭାରତୀୟ ଆଂଚଳିକ ଦିଗ ନିର୍ଣ୍ଣୟ ଉପଗ୍ରହ ବ୍ୟବସ୍ଥା (ଆଇଆରଏନଏସଏସ) ପକ୍ଷରୁ ସହାୟତା ମିଳିଥିଲା।

ଦୂରତା ବୃଦ୍ଧି, ସଠିକତା ଓ ଉପ-ବ୍ୟବସ୍ଥା କାର୍ଯ୍ୟକ୍ଷମତା ସମେତ ଏହି ମିଶନ ସମସ୍ତ ଲକ୍ଷ୍ୟ ହାସଲ କରିଥିଲା। ନିୟୋଜନ ସ୍ଥିତିରେ ପିନାକ ପ୍ରକ୍ଷେପଣ ବ୍ୟବସ୍ଥାରୁ ଏହି କ୍ଷେପଣାସ୍ତ୍ର ଛଡ଼ାଯାଇଥିଲା। ବିଭିନ୍ନ ରେଞ୍ଜ ଯଥା ଟେଲିମେଟ୍ରି, ରାଡାର, ଇଲେକ୍ଟ୍ରୋ-ଅପ୍ଟିକାଲ ଟାର୍ଗେଟ ସିଷ୍ଟମ ଆଦିରୁ ଏହି କ୍ଷେପଣାସ୍ତ୍ରକୁ ଠାବ କରାଯାଇଥିଲା। ଯାହା କ୍ଷେପଣାସ୍ତ୍ରର ପ୍ରଦର୍ଶନକୁ ସୁନିଶ୍ଚିତ କରିଥିଲା।

## ୫'ଟି' ଓ 'ମୋ ସରକାର' ସଂପର୍କିତ ଦକ୍ଷତା ବିକାଶ କର୍ମଶାଳା

# କୃଷି ଓ କୃଷକ ର ଉନ୍ନତି ପାଇଁ ୨୦ଟି ଟାର୍ଗେଟ୍

ଭୁବନେଶ୍ୱର, (ପିଏନ)-୫ଟି କାର୍ଯ୍ୟକାରୀ ହେବା ପରେ ଆୟୋଜିତ ମୋ ସରକାର କର୍ମଶାଳାରେ ଯୋଗ ଦେଇନଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୃଷି ମନ୍ତ୍ରୀ ଅରୁଣ ସାହୁ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ କୃଷି ଓ କୃଷକ ର ଉନ୍ନତି ପାଇଁ ୨୦ଟି ଟାର୍ଗେଟ୍ କରାଯାଇଛି। ଜାନୁଆରୀ ୧ ତାରିଖ ସୁଦ୍ଧା ମୋବାଇଲ୍ ଆପ୍ ମାଧ୍ୟମରେ କୃଷି ବିଭାଗର ସମସ୍ତ ଯୋଜନା ସ୍ଥାନିତ କରାଯିବ। ୫ ବର୍ଷରେ ୭୮ ହଜାର ଚାଷୀଙ୍କର ଆୟ ଦ୍ୱିଗୁଣିତ କରାଯିବ। ଏପ୍ରିଲ ୨୦୨୦ ସୁଦ୍ଧା ଚାଷୀଙ୍କ ତାଲିକା ପ୍ରସ୍ତୁତି ଶେଷ ହେବ ବୋଲି ସେ କହିଛନ୍ତି। ଗୁରୁବାର ରେଲ୍ ଅଡିଟୋରିୟମ୍‌ଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ ଏହା ଅଧୀନରେ ଥିବା ସମସ୍ତ ନିର୍ଦ୍ଦେଶାଳୟ ଏବଂ ନିଗମଗୁଡ଼ିକର ଅଧିକାରୀ ଓ କର୍ମଚାରୀମାନଙ୍କର ୫'ଟି' ଓ 'ମୋ ସରକାର' ସଂପର୍କିତ ଦକ୍ଷତା ବିକାଶ କର୍ମଶାଳାକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ଡ. ସାହୁ କହିଲେ ଯେ ୫'ଟି'କୁ ସର୍ବାନ୍ତକରଣରେ କାର୍ଯ୍ୟକାରୀ କରି ସାଧାରଣ ଜନତାଙ୍କ ପାଇଁ ଏକ ବିଶ୍ୱସ୍ତ ଓ ଉତରଦାୟୀ 'ମୋ ସରକାର' ସୃଷ୍ଟି କରିବା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଲକ୍ଷ୍ୟ। କୃଷକଙ୍କ ବିକାଶରେ ରାଜ୍ୟର ଅର୍ଥନୀତି ଓ ସାମାଜିକ ବିକାଶ ଜଡ଼ିତ । ଚାଷୀମାନଙ୍କୁ ରାଜ୍ୟ ସରକାରଙ୍କ ଯୋଜନା ସଂପର୍କରେ ସଚେତନ କରି ସେମାନଙ୍କୁ ନୂତନ ଜ୍ଞାନକୌଶଳ ବ୍ୟବହାର ସଂପର୍କରେ ଉତ୍ସାହିତ କରିବାକୁ ପଡ଼ିବ । ରାଜ୍ୟ ସରକାର ଚାଷୀମାନଙ୍କୁ ଆୟକୁ ଦ୍ୱିଗୁଣିତ କରିବା ଦିଗରେ ଅନେକଗୁଡ଼ିଏ ପଦକ୍ଷେପ ନେଇଥିବାବେଳେ ସେଗୁଡ଼ିକର ସଫଳ ରୂପାୟନ ନିମନ୍ତେ ୫ 'ଟି'କୁ କଡ଼ାକଡ଼ି ପାଳନ କରାଯାଇଛି ।

ବିଗତ ଦୁଇଦଶନ୍ଧି ମଧ୍ୟରେ ରାଜ୍ୟ ବନ୍ୟା, ବାତ୍ୟା, ମରୁଡ଼ି, ରୋଗପୋକ ଆଦି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ଏବଂ କୃଷକମାନଙ୍କ କଠିନ ପରିଶ୍ରମ ଫଳରେ ରାଜ୍ୟ କୃଷି ଉତ୍ପାଦନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସହିତ ଚାଉଳ ଉତ୍ପାଦନ କ୍ଷେତ୍ରରେ ଏକ ବଳକା ରାଜ୍ୟ ହୋଇପାରିଛି । ତେବେ ଚାଷ କାର୍ଯ୍ୟରେ ବିବିଧତା ଆଣି ଡାଲି, ତୈଳବୀଜ ଓ ଅର୍ଥକାରୀ ଫସଲର ଉତ୍ପାଦନ ବୃଦ୍ଧି କରିବାକୁ ପଡ଼ିବ । ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ଚାଷକାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଡ. ସାହୁ ଗୁରୁତ୍ୱ ଦେଇଥିଲେ । ନୂଆ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି କୃଷି କ୍ଷେତ୍ରକୁ ସମୃଦ୍ଧ କରିବା ସହିତ କୃଷି ଅଭିବୃଦ୍ଧି ଏବଂ କୃଷକଙ୍କ ଆୟକୁ ନିଶ୍ଚିତ କରାଇବା ପାଇଁ କୃଷିନୀତି 'ସମୃଦ୍ଧି' ୨୦୨୦ରୁ ଲାଗୁ କରାଯିବ । ଏଥି ସହିତ 'ମୋ ସରକାର' ପ୍ରବର୍ତନ ଫଳରେ ବିଭାଗର କର୍ମଚାରୀମାନଙ୍କର ବୃତିଗତ ଦକ୍ଷତା ବୃଦ୍ଧି ସହିତ କାର୍ଯ୍ୟଶୈଳିରେ ପାରଦର୍ଶିତା ଆସିବ ବୋଲି ମନ୍ତ୍ରୀ ଡ. ସାହୁ କହିଥିଲେ ।

କର୍ମଶାଳାରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ ନୂତନ କୃଷିନୀତିରେ ଉତ୍ପାଦିତ ଦ୍ରବ୍ୟର ବିକ୍ରିବଟା, ସଂରକ୍ଷଣ ସହ ତାହାକୁ ମୂଲ୍ୟଯୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ବିଭାଗ ତରଫରୁ ପ୍ରଣୟନ କରାଯାଉଥିବା ଯୋଜନାଗୁଡ଼ିକ କିପରି ଚାଷୀମାନଙ୍କ ନିକଟରେ ପହଂଚିପାରିବ ସେ ଦିଗରେ ଅଧିକାରୀ ଓ କର୍ମଚାରୀମାନେ ତତ୍ପର ହେବା ପାଇଁ କହିଥିଲେ । କର୍ମଶାଳା ପ୍ରାରମ୍ଭରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍. ମୁଥୁକୁମାର କର୍ମଶାଳାର ଆଭିମୁଖ୍ୟ ତଥା ୫'ଟି' ଓ 'ମୋ ସରକାର' ସଂପର୍କରେ ଆଲୋକପାତ କରିଥିବାବେଳେ ଉଦ୍ୟାନକୃଷି ନିର୍ଦ୍ଦେଶକ ଡ. ବିଜୟ କେତନ ଉପାଧ୍ୟାୟ ଉଦ୍ୟାନକୃଷି ନିର୍ଦ୍ଦେଶାଳୟ ପକ୍ଷରୁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ଶ୍ରୀ ଶ୍ରୀ ୟୁନିଭରସିଟିର ସଭାପତି ରଞ୍ଜିତା କୁଲକର୍ଣ୍ଣି କର୍ମସଂସ୍କୃତିର ଉନ୍ନତି ନିମନ୍ତେ କର୍ମଚାରୀମାନଙ୍କୁ ଉତ୍ପ୍ରେରିତ ହେବାକୁ ନିଜ ବକ୍ତବ୍ୟରେ କହିଥିଲେ । ଶେଷରେ ମୃତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ଶ୍ରୀ ହେମନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ କୃଷି ବିଭାଗର ଉପଦେଷ୍ଟା ଶ୍ରୀ କୃତିବାସ ପାତ୍ର, ଓଡ଼ିଶା ରାଜ୍ୟ ବିହନ ନିଗମର ଅଧ୍ୟକ୍ଷ ଶ୍ରୀ ଈଶ୍ୱର ପାଣିଗ୍ରାହୀ, ଆପିକଲ୍‌ର ଅଧ୍ୟକ୍ଷ ଶ୍ରୀ ପ୍ରଭାତ ଆଦିତ୍ୟ ମିଶ୍ର ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମର ଅଧ୍ୟକ୍ଷ ଶ୍ରୀ ଅମରେନ୍ଦ୍ର ଦାସଙ୍କ ସମେତ କୃଷି, ଉଦ୍ୟାନକୃଷି, ମୃତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶାଳୟ ତଥା ବିଭିନ୍ନ ନିଗମର ଭୁବନେଶ୍ୱରସ୍ଥିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

## ସମାଜସେବୀଙ୍କ ବିୟୋଗ



ଭୁବନେଶ୍ୱର (ପି.ଏନ): ଆଜି ବାଲିଚନ୍ଦ୍ରପୁର ଅଂଚଳର ବିଶିଷ୍ଟ ସମାଜସେବୀ ବୈରାଗୀ ଚରଣ ସାମଲଙ୍କର ପରଲୋକ ଘଟିଛି। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବାଲିଚନ୍ଦ୍ରପୁର ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ବୟସ ହୋଇଥିଲା । ସେ ଜଣେ ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତିଭାବେ ସ୍ଥାନୀୟ ଅଂଚଳରେ ଜଣାଶୁଣା ଥିଲେ । ମୃତ୍ୟୁଶଯ୍ୟା ନିକଟରେ ସାନଭାଇ ହୃଷିକେଶ ସାମଲ,ପୁତୁରା, ପୁତୁରାବୋହୂ,ନାତି ନାତୁଣୀ ଓ ଆତ୍ମୀୟସ୍ୱଜନ ଉପସ୍ଥିତଥିଲେ ।

## ନାଗରିକତା ସଂଶୋଧନ ଆଇନ ବିରୋଧରେ ବାମପନ୍ଥୀ ଦଳମାନଙ୍କର ବିକ୍ଷୋଭ ସମାବେଶ

ଭୁବନେଶ୍ୱର, (ପିଏନ)-ନାଗରିକତା ସଂଶୋଧନ ଆଇନ (ସି ଏ ଏ)କୁ ବିରୋଧ କରି ବାମପନ୍ଥୀ ଦଳ ମାନଙ୍କ ପକ୍ଷରୁ ଭୁବନେଶ୍ୱରଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ , ସିପିଆଇ (ଏମ୍ ), ସିପିଆଇ (ଏମ୍ .ଏଲ)ଲିବରେସନ୍ ଓ ଫରୱାର୍ଡ ବ୍ଲକ୍ ପକ୍ଷରୁ ଏହି ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରେ ମାଷ୍ଟରକ୍ୟାଂଟିନ୍ ଛକ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଲୋୟର ପିଏମଜି ଠାରେ ସମାବେଶ କରାଯାଇଥିଲା।

ସେଠାରେ ଅନୁଷ୍ଠିତ ସମାବେଶରେ ବାହମପନ୍ଥୀ ଦଳର ନେତୃବୃନ୍ଦମାନେ କହିଥିଲେ ଯେ ସି.ଏ.ଏ କେବଳ ଅସମ୍ବିଧାନିକ ନୁହେଁ ଏହା ଦେଶର ସମ୍ବିଧାନ ବିରୋଧି ଆଇନ। ଜନଗଣଙ୍କ ମୌଳିକ ସମସ୍ୟା - ଉତ୍କଟ ଦରବୃଦ୍ଧି, ବେକାରୀ, ଆର୍ଥିକ ଅସମତା, ସାଧାରଣ ଲୋକଙ୍କ କ୍ରୟ କ୍ଷମତା ହ୍ରାସ ଭଳି ଜୀବନ ଜୀବିକାର ସମସ୍ୟାରେ ଲୋକେ ସନ୍ତୁଳିତ ହେଉଥିବାବେଳେ ଲୋକଙ୍କୁ ସଂପ୍ରଦାୟିକ ଭିତିରେ ଭାଗ ଭାଗ କରି ଜନଗଣଙ୍କ ଏକତାକୁ ନଷ୍ଟ କରିବା ପାଇଁ ଯୋଜନାବଦ୍ଧ ଉଦ୍ୟମ କରାଯାଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି।

ଏଭଳି ଏକ ସମ୍ବିଧାନ ବିରୋଧି ଆଇନକୁ ଓଡିଶାରେ ବିଜେଡି ଦଳ ଓ ସରକାର ସମର୍ଥନ କରିବା ଦୁର୍ଭାଗ୍ୟଜନକ । ଧର୍ମ ଭିତିରେ ଭାଗ ଭାଗ କରିବାକୁ ଉଦ୍ଦିଷ୍ଟ ଏହି ଆଇନକୁ କେରଳ, ପଶ୍ଚିମବଙ୍ଗ ଆଦି ରାଜ୍ୟ ସରକାର ସେମାନଙ୍କ ରାଜ୍ୟରେ କାର୍ଯ୍ୟକାରୀ ନକରିବାକୁ ନିଷ୍ପତି କରିଥିବା ବେଳେ ଓଡିଶାର ବିଜେଡି ସରକାର ଓଡିଶାର କେଉଁ ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ସମର୍ଥନ ଘୋଷଣା କରିଛନ୍ତି । କେନ୍ଦ୍ର ସରକାର ଓ ବିଜେପି ଶାସିତ ରାଜ୍ୟ ସରକାର ମାନେ ପ୍ରତିବାଦ ଆନ୍ଦୋଳନରତ ଲୋକଙ୍କ ଉପରେ ନିଷ୍ଠୁର ଆକ୍ରମଣ କରୁଛନ୍ତି । ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ବେଆଇନ ଭାବେ ପ୍ରବେଶ କରି ପୋଲିସ୍ ଛାତ୍ର ଛାତ୍ରୀ ମାନଙ୍କୁ ମରଣାନ୍ତକ ଆକ୍ରମଣ କରୁଛି । ଏହାକୁ ସେମାନେ ନିନ୍ଦା କରିଛନ୍ତି।

ବାଲାଂଦେଶ, ଆଫଗାନିସ୍ଥାନ, ପାକିସ୍ଥାନ ଇତ୍ୟାଦି ଦେଶରୁ ଧର୍ମ ଭିତିରେ କୋଟି କୋଟି ଲୋକଙ୍କୁ ଆଣି ଓଡିଶା ଭଳି ରାଜ୍ୟରେ ସେମାନଙ୍କୁ ଥଇଥାନ କରିବା ମସୁଧାରେ କେନ୍ଦ୍ର ଓ ରାଜ୍ୟ ବିଜେଡି ସରକାର ରହିଛି । ଅବିଭକ୍ତ କୋରାପୁଟର ୪ଟି ଜିଲ୍ଲା ମାଲକାନଗିରୀ ଜିଲ୍ଲା ସମେତ ଗଜପତି ଆଦି ଜିଲ୍ଲାରେ ଥଇଥାନ କରାଯାଇଥିବା ଲୋକଙ୍କ ଜମି, ଘର ଆଦିର ପଟ୍ଟା ରହିଛି । କିନ୍ତୁ ପୁରୁଷ ପୁରୁଷ ଧରି ସେଠାରେ ବସବାସ କରୁଥିବା ଆଦିବାସୀମାନେ ଆଜି ମଧ୍ୟ ନିଜ ଭିଟାମାଟିରେ ଅନୁପ୍ରବେଶକାରୀ ଆଖ୍ୟା ପାଉଛନ୍ତି । ଏବେ ପୁଣି ଥଇଥାନ ନାମରେ ପୁଣି ଲକ୍ଷ ଲକ୍ଷ ଲୋକଙ୍କୁ ଆଣି ଠୁଳ କଲେ ଓଡିଶାରେ ଅସମ୍ଭାଳ ଅବସ୍ଥା ସୃଷ୍ଟି ହେବ। ରାଜ୍ୟ ସରକାର ଏ ଦିଗରେ ନିଜର ଆଭିମୂଖ୍ୟ ସ୍ପଷ୍ଟ କରିବାକୁ ସେମାନେ ଦାବି କରିଛନ୍ତି।

ଏହି ବିକ୍ଷୋଭ ସମାବେଶରେ ଜନାର୍ଦ୍ଦନ ପତି , ଆଶିଷ କାନୁନଗୋ , ଅଳି କିଶୋର ପଟ୍ଟନାୟକ , ରବି ଦାସ. ଶିବାଜୀ ପଟ୍ଟନାୟକ , ସୁରେଶ ପାଣିଗ୍ରାହୀ , ରାଧାକାକାନ୍ତ ସେଠୀ , ମନୋରଂଜନ ମହାନ୍ତି , ମହେନ୍ଦ୍ର ପରିଡା ପ୍ରମୁଖ ନେତୃତ୍ୱ ନେଇଥିଲେ।

## ତାଳଚେର-ସୁନାଖଣି ରେଳ ଲାଇନ୍‌ର ନିରୀକ୍ଷଣ କରିବେ ସଂରକ୍ଷା ଆୟୁକ୍ତ

ଭୁବନେଶ୍ୱର, (ପି.ଏନ): କଲିକତାସ୍ଥିତ ଦକ୍ଷିଣ ପୂର୍ବ ସର୍କଲ ରେଳବାଇ ସଂରକ୍ଷା ଆୟୁକ୍ତ ଶ୍ରୀ ଏ. କେ.ରାଇ ଆସନ୍ତା ୨୨ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ପରିଦର୍ଶନରେ ଆସି ନିର୍ମାଣାଧୀନ ତାଳଚେର-ବିମଳାଗଡ଼ ରେଳ ଲାଇନର ତାଳଚେର-ସୁନାଖଣି ମଧ୍ୟରେ ରେଳ ଲାଇନ୍ ସହିତ ଯୁଜୁମୁରା-ଘରମାଳ ଏବଂ ଦେଓଗାଁ-ସଇଁତଳା ଦୋହରୀକରଣ କାର୍ଯ୍ୟର ମଧ୍ୟ ନିରୀକ୍ଷଣ କରିବେ। ରେଳବାଇ ସଂରକ୍ଷା ଆୟୁକ୍ତଙ୍କ ସହିତ ପୂର୍ବତଟ ରେଳପଥ ନିର୍ମାଣ ବିଭାଗର ମୁଖ୍ୟ ପ୍ରଶାସନିକ ଅଧିକାରୀ, ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କ ସହିତ ସିଭିଲ, ଇଲେକ୍ଟ୍ରିକାଲ ଓଏବଂ ସଂକେତ ଓ ଦୂରସଂଚାର ବିଭାଗର ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଯୋଗଦେବେ ।୧୪୯ କି.ମି. ଦୀର୍ଘ ନିର୍ମାଣାଧୀନ ତାଳଚେର-ବିମଳାଗଡ଼ ରେଳପଥର ତାଳଚେର ଓ ସୁନାଖଣି ଷ୍ଟେସନ ମଧ୍ୟରେ ୨୦ କି.ମି. ରେଳପଥ ନିର୍ମାଣ ଶେଷ ହୋଇଛି ଏବଂ ଏହା ରେଳବାଇ ସଂରକ୍ଷା ଆୟୁକ୍ତଙ୍କ ନିରୀକ୍ଷଣ ସହିତ ଅନୁମୋଦନ ପରେ କାର୍ଯ୍ୟକ୍ଷମ କରାଯିବ। ଆସନ୍ତା ୨୨ ତାରିଖରେ ଶ୍ରୀ ରାଇ ତାଳଚେର ଠାରୁ ସୁନାଖଣି ପର୍ଯ୍ୟନ୍ତ ରେଳ ଲାଇନ ନିରୀକ୍ଷଣ କରିବା ସହିତ ଏହି ନୂତନ ନିର୍ମିତ ରେଳ ଲାଇନରେ ପରୀକ୍ଷାମୂଳକ ଭାବେ ଲାଇଟ ରେଳ ଇଞ୍ଜିନର ସ୍ପିଡ଼ ଟ୍ରାଏଲ କରାଇବେ। ସୁନ୍ଦରଗଡ଼, ଦେଓଗଡ଼ ଓ ଅନୁଗୁଳ ଜିଲ୍ଲା ମଧ୍ୟଦେଇ ୧୪୯ କି.ମି. ଦୀର୍ଘ ତାଳଚେର-ବିମଳାଗଡ଼ ନିର୍ମାଣାଧୀନ ନୂତନ ରେଳ ଲାଇନ ପାଇଁ ପ୍ରାୟ ୧୯୨୮ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଥିବାବେଳେ ଏହା ଭୁବନେଶ୍ୱର ଠାରୁ ରାଉରକେଲାକୁ ଦୂରତ୍ୱକୁ ପ୍ରାୟ ୧୦୦ କି.ମି. କମାଇପାରିବ । ଏବେ ସମ୍ବଲପୁର ମାର୍ଗ ଦେଇ ଭୁବନେଶ୍ୱର ରୁ ରାଉରକେଲା ଦୂରତ୍ୱ ପ୍ରାୟ ୪୬୨ କି.ମି. ଅଟେ।ଏହା ବ୍ୟତୀତ ରେଳବାଇ ସଂରକ୍ଷା ଆୟୁକ୍ତ ୨୩ ତାରିଖ ଦିନ ଅନୁଗୁଳ-ସମ୍ବଲପୁର ଦୋହରୀକରଣ କାର୍ଯ୍ୟର ଯୁଜୁମୁରା ଠାରୁ ଘରମାଳ ପର୍ଯ୍ୟନ୍ତ ଏବଂ ୨୪ ତାରିଖ ଦିନ ସମ୍ବଲପୁର-ଟିଟିଲାଗଡ଼ ଦୋହରୀକରଣ କାର୍ଯ୍ୟର ଦେଓଗାଁ ଠାରୁ ସଇଁତଳା ଷ୍ଟେସନ ମଧ୍ୟରେ ନିରୀକ୍ଷଣ କରିବେ। ରେଳ ସୁରକ୍ଷା ଆୟୁକ୍ତଙ୍କ ଅନୁମୋଦନ ପାଇବା ପର୍ଯ୍ୟନ୍ତ ତାଳଚେର ଠାରୁ ସୁନାଖଣି ମଧ୍ୟରେ ନୂତନ ରେଳ ଲାଇନ ରେ ଟ୍ରେନ କିମ୍ବା ଟ୍ରେନ ଇଞ୍ଜିନର ପରୀକ୍ଷାମୂଳକ ଚଳାଚଳ ଚାଲୁରହିବ। ଏହି ଅଂଚଳର ସାଧାରଣ ଜନତା ରେଳ ଲାଇନ ଠାରୁ ଦୁରେଇ ରହିବାକୁ ପୂର୍ବତଟ ରେଳପଥ ପକ୍ଷରୁ ନିବେଦନ କରାଯାଇଥିବାବେଳେ ନିକଟସ୍ଥ ସାଧାରଣ ଜନତା ସେମାନଙ୍କ ଗୃହପାଳିତ ପଶୁ କିମ୍ବା ଅନ୍ୟ ପଶୁମାନଙ୍କୁ ରେଳ ଲାଇନ ପାଖକୁ ନଛାଡିବାକୁ ପରାମର୍ଶ ଦିଆଯାଇଅଛି ଯାହାଦ୍ୱାରା କୌଣସି ଅଘଟଣ କିମ୍ବା ଦୁର୍ଘଟଣା କୁ ଦୂର କରିହେବ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ବେଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତ୍ତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଢନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଆଇଡେମିସୁ ହୋଣ୍ଡା ଟେନ୍୧୦ ରେସିଂ ଟିମ୍ ପାଇଁ ଡବଲ୍ ପୋଡିୟମ୍ ଫିନିସ୍

## ନିଜ ରେକର୍ଡ ଭାଙ୍ଗିଲେ ମିକାଇଲ୍




ଭୁବନେଶ୍ୱର:ଭାରତୀୟ ଜାତୀୟ ମୋଟର ରେସିଂ ଚାମ୍ପିଆନ୍‌ସିପ୍ (ଏମଏମ୍‌ଆର୍‌ଟି) ୨୦୧୯ରେ ଆଇଡେମିସୁ ହୋଣ୍ଡା ଟେନ୍୧୦ ଟିମ୍ ଡବଲ୍ ପୋଡିୟମ୍ ଫିନିସ୍‌ହାସଲ କରିଛି। ଚମ୍ପିଆନ୍‌ସିପ୍‌ର ଚତୁର୍ଥ ରାଉଣ୍ଡରେ ଟିମ୍‌ର ଚାଳକମାନେ ପ୍ରୋ ଷ୍ଟକ୍ ୧୬୫ ସିସି ଓ ପ୍ରୋ ଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ଜବରଦସ୍ତ ପ୍ରଦର୍ଶନ କରିଥିଲେ।ପ୍ରୋ ଷ୍ଟକ୍ ୧୬୫ ସିସି ବର୍ଗରେ ହୋଣ୍ଡା ଟିମ୍ ଚାଳକମାନେ କ୍ଲିନ୍ ସ୍ୱିପ୍ କରିଛନ୍ତି। ଟିମ୍‌ର ଚାଳକ ରାଜୀବ ସେତୁ ନିଜର ଷଷ୍ଠ ରେସ୍‌ରେଥିବା ବେଳେ ସରତ କୁମାର ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଥିଲେ ଏବଂ କାନନ ପୋଡିୟମ୍ ଫିନିସ୍ କରିଥିଲେ। ପ୍ରୋ ଷ୍ଟକ୍ ୨୦୧-୩୦୦ ସିସି ବର୍ଗରେ ହୋଣ୍ଡାର ତ୍ରିମୂର୍ତି ଅନିଷ ସେଟି (ପ୍ରଥମ), ଅଭିଷେକ ଭି (ଦ୍ୱିତୀୟ) ଓ ଅରବିନ୍ଦ ବି (ତୃତୀୟ) ପୋଡିୟମ୍ ଫିନିସ୍ କରିଥିଲେ।ରାଜୀବ ନିଜର ପ୍ରତିଦ୍ୱନ୍ଦ୍ୱୀତ ସରତଙ୍କ ଠାରୁ ୫୬ ପଏଂଟ୍‌ରେ ଆଗୁଆ ରହି ୧୫୦ ପଏଂଟ୍ ହାସଲ କରିଛନ୍ତି। ଟିମ୍‌ମାନଙ୍କ ମଧ୍ୟରେ ହୋଣ୍ଡା ଟିମ୍ ୩୦୪ ପଏଂଟ୍ ସହ ଅନ୍ୟମାନଙ୍କ ଠାରୁ ୯୯ ପଏଂଟ୍‌ରେ ଆଗୁଆ ରହିଛି। ଚାଳକମାନଙ୍କ ପ୍ରଦର୍ଶନ ସମ୍ପର୍କରେ ଶ୍ରୀଯୁକ୍ତ ପ୍ରଭୁ ନାଗରାଜ, ଉପସଭାପତି-ବ୍ରାଣ୍ଡ୍ ଆଣ୍ଡ୍ କମ୍ୟୁନିକେସନ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ କହିଛନ୍ତି ଯେ, "ଚତୁର୍ଥ ପର୍ଯ୍ୟାୟରେ ଅଧିକ ୧୦ଟି ପୋଡିୟମ୍ ଫିନିସ୍ ହୋଇଥିବା ବେଳେ ହୋଣ୍ଡା ଚାମ୍ପିଆନ୍‌ସିପ୍‌ରେ ଆଉ ୪ଟି ବିଜୟ ଯୋଡ଼ିହୋଇଯାଇଛି। ଉଭୟ ରାଜୀବ ଓ ଅନିଷ ନିଜ ରେସ୍ ଦକ୍ଷତା ଯୋଗୁ ଅଗ୍ରଣୀ ରହିଛନ୍ତି। ସବୁଠୁ ବଡ଼ କଥା ହେଉଛି ଆମ ଚାଳକମାନେ କେବଳ ଚାମ୍ପିଆନସିପ୍ ସହ ନୁହେଁ ବରଂ ନିଜ ସହ ପ୍ରତିଦ୍ୱନ୍ଦ୍ୱିତା କରୁଥିଲେ। ରାଜୀବ ନିଜର ଲ୍ୟାପ୍ ସମୟ ରେକର୍ଡକୁ ଭାଙ୍ଗି ଥିବା ବେଳେ ଯୁବ ଚାଳକ ମିକାଇଲ ୨୫୦ ସିସି ବର୍ଗରେ ନିଜରରେକର୍ଡକୁ ଭାଙ୍ଗିଛନ୍ତି।

# ନୀଳ ସୁନ୍ଦର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଦୁଇଦିନ ଧରି ମହାସମାରୋହରେ ପାଳିତ



ଚଣ୍ଡିଖୋଲ, ୧୭/୧୨(ପି.ଏନ.)- ନୀଳ ସୁନ୍ଦର ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଯୋଗ ଦେଇ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ଉଜ୍ଜ୍ୱଳନ କରି ଉତ୍ସବକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ମାନ୍ୟବର ଉଚ୍ଚଶିକ୍ଷାମନ୍ତ୍ରୀ ଡ.ଅରୁଣ କୁମାର ସାହୁନ ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବୀଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗ ଦେଇଥିଲେ। ସଂଚାଳନ କରିଥିଲେ ରୋଜାଲିନା ପଟ୍ଟନାୟକ। ଛାତ୍ରଛାତ୍ରୀ ମାନେ ଫୁଲପରି କୋମଳ ହୁଅ ସମସ୍ତଙ୍କୁ ଭଲପାଅ ଫୁଲ ସର୍ବଦା ଉପରକୁ ଚାହିଁଥାଏ ସୂର୍ଯ୍ୟଙ୍କ ଠାରୁ ଶକ୍ତି ଆଣିଥାଏ। କି ପବନ କି ବର୍ଷା କି ଖରା ସବୁକୁ ସହିଥାଏ ତଥାପି ହସ କେବେ ବିରଷ ହୁଏ ନାହିଁ। ମନ କେତେବେଳେ ମରିଯାଏ ନାହିଁ। ଓଡିଶାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ସବୁ ସମୟରେ ପ୍ରସନ୍ନ ନାଲି ଓଠରୁ ଝରିପଡୁଥାଏ ହସ ସେହିପରି ସବୁବେଳେ ହସ ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବକୁ ଉଦଘାଟନ କରି ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମୁକ୍ତି ସଂଗ୍ରାମ ସମୟରେ ମହାତ୍ମା ଗାନ୍ଧୀ ଇଂରେସଜ ସରକାର ବିରୁଦ୍ଧରେ ଆନ୍ଦୋଳନ ଜାରି ରଖି ଅଅମେ ଦେଶକୁ ସ୍ୱାଧିନତା ଆଣିଥିଲେ । ଏହି ମହାନତା ପାଇଁ ଗାନ୍ଧୀଜୀଙ୍କୁ ସମଗ୍ର ବିଶ୍ୱ ମହାତ୍ମା ଭାବେ ମାନି ନେଇଛନ୍ତି। ମୁକ୍ତି ସଂଗ୍ରାମ ପକ୍ଷରୁ ଆରମ୍ଭ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପର୍ଯ୍ୟନ୍ତ ଓଡିଶା ମାଟିର ଯେଉଁ ବରପୁତ୍ର ନିଜର ଜ୍ଞାନ ଓ ପ୍ରତିଭା ବଳରେ ସେମାନେ ସାରା ଓଡିଶାରେ ନିଜ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ମୁଖ୍ୟ ବକ୍ତା ଡ.ସଡଙ୍ଗୀ ପ୍ରକାଶ କରିଥିଲେ ଯେ ୫୦ ବର୍ଷ ତଳର ମନବୃତିକୁ ଯଦି ଆଉ ଥରେ ଦୋହଲାଇବା ତାହେଲେ ସୁବର୍ଣ୍ଣ ଜୟନ୍ତୀର ଉତ୍କର୍ଷ ପ୍ରତିପାଦିତ ହୋଇପାରିବ। ସେତେବେଳେ ସାଧନ ନଥିଲା ସାଧନା ଥିଲା ଅର୍ଥ ନଥିଲା ମାନସିକତା ଥିଲା। ପ୍ରତିକୂଳ ପରିସ୍ଥିତିରେ ପିଲା ପାଠ ପଢୁଥିଲେ ଆଜି ବି ନପଢୁଛନ୍ତି। ଭଲ ଶିଖିବା ଭିତରେ ଆମେ କାମ ଶିଖୁଛେ ତା ଏବେ ଏକ ବଡ ପ୍ରଶ୍ନ ବାଚୀ ହୋଇ ସୃଷ୍ଟି ହୋଇଛି। ଆଗାମୀ ୫୦ ବର୍ଷର ଖସଡା ପ୍ରସ୍ତୁତ କରିବା ପାଇଁ ସୁବର୍ଣ୍ଣ ଜୟନ୍ତୀଦିବସ ବୋଲି ପ୍ରକାଶ କରିଥିଲେ। ପ୍ରାମ୍ଭରେ ପ୍ରଧାନ ଶିକ୍ଷକ ସୁଦାମ ପଣ୍ଡା ବିବରଣୀ ପଠନ କରିଥିଲେ। ଅବସରକାଳୀନ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାଥ ଜେନା, ବୀରବର ମିଶ୍ର, ଫକୀର ଚରଣ ।ସାହୁ, ସ୍କୁଲର ପ୍ରତିଷ୍ଠାତା ସଭ୍ୟ ସୂର୍ଯ୍ୟ ମଣି ଦାସ, ନାରାୟଣ ଚନ୍ଦ୍ର ନାୟକ ଓ କେତେକ କୃତି ଛାତ୍ରଛାତ୍ରଙ୍ଗକୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇଥିଲା। ପୁରାତନ ଛାତ୍ର ସଂସଦର ଉପଦେଷ୍ଟା ଶରତ ଚନ୍ଦ୍ର କମତ ଦାସ ମାହମହିମ ରାଜ୍ୟପାଳଙ୍କୁ ଏକ ଏକ ଉତରୀୟ ଓ ପୁଷ୍ପଗୁଚ ଦେଇଥିଲେ। ସଭା ମଂଚରେ ଛାତ୍ର ସଂସଦର ସଭାପତି ବିଜୟ କୁମାର ରାମ, ସଂପାଦକ ଅରୁଣ କୁମାର ନାୟକ, ଦିବାକର ବେହେରା, ଡ. ପ୍ରିୟନାଥ ମହାପାତ୍ର ଉପସ୍ଥିତ ଥିଲେ। ସଭାରେ ଛାତ୍ରଛାତ୍ରୀ ସମେତ ବହୁ ସଂଖ୍ୟାରେ ଅଭିଭାବକ ଓ ଅଭିଭାବକ ମାନେ ଆଜି ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ ଘଟିକା ସମୟରେ ଏଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ପଂଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ବକ୍ତା ଭାବେ ପଣ୍ଡିତ ବିଶ୍ୱନାଥ ଶତପଥି ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ରନାୟକ ସମ୍ମାନିତ ଅତିଥି ବାବେ ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ କୁମାର ବେହେରା ଓ ଚଳଚିତ୍ର ଅଭିନେତ୍ରୀ ସୁଶ୍ରୀ ଭୂମିକା ଦାସ ଯୋଗ ଦେଇଥିଲେ। ସନ୍ଧ୍ୟା ସମୟରେ ଦୀପକ ରଞ୍ଜନ ନାୟକ(ଜୁନିୟର ପପୁ)ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରବଚକ ପଣ୍ଡିତ ବିଶ୍ୱାନଥ ଶତପଥି ତାଙ୍କ ବକତବ୍ୟରେ ପ୍ରଭୁ ଶ୍ରୀଜଗନ୍ନାଥ, ଭଗବାନ କୃଷ୍ଣ, ମର୍ଯ୍ୟଦାପୁରୁଷ ଶ୍ରୀରାମଙ୍କ କଥାକୁହାଇ ଉତ୍ସବକୁ ମୁଖରିତ କରିଥିଲେ।

## ପ୍ରତିଜ୍ଞାର ୧୦ମ ବାର୍ଷିକୋତ୍ସବ

# ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଡଃ.ଢାଲି




ଭୁବନେଶ୍ୱର(ପିଏନ): ସମାଜକୁ ସୁଧାରିବାକୁ ହେଲେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସମ୍ବାଦ ପରିବେଷଣ ସହ ସାଧାରଣ ଲୋକଙ୍କ ମତକୁ ସ୍ଥାନିତ କରାଯାଉ। ଫଳରେ ପ୍ରତ୍ୟେକ୍ଷ ଅନୁଭୂତିର ସମସ୍ୟା ସରକାରଙ୍କ ନିକଟରେ ପହଞ୍ଚିପାରିବ। ଗଣମାଧ୍ୟମ ଉପଯୁକ୍ତ ତଥ୍ୟ ଭିତ୍ତିକ ସମ୍ବାଦ ପରିବେଷଣ କଲେ ପତ୍ରପତ୍ରିକାର ପାଠକ ସଂଖ୍ୟା ବୃଦ୍ଧି ହେବ ବୋଲି ଜୟଦେବ ଭବନଠାରେ 'ପ୍ରତିଜ୍ଞା' ଖବର କାଗଜର ୧୦ମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଜୟଦେବ ବିଧାୟକ ଡଃ. ଅରବିନ୍ଦ ଢାଲି କହିଛନ୍ତି।

ସାମ୍ବାଦିକ ତରୁଣଙ୍କ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ 'ପ୍ରତିଜ୍ଞ'ାର ୧୦ମ ବାର୍ଷିକୋତ୍ସବରେ ନିରପେକ୍ଷ କରି ସମ୍ବାଦ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ ଡଃ.ଢାଲି। ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଗୁରୁତ୍ୱପୂର୍ଣ୍ଣ ନିଭାନ୍ତୁ। ଲୋକଙ୍କ ନିକଟତର ହୋଇପାରିଲେ ସମ୍ବାଦପତ୍ରର ମାନ ବୃଦ୍ଧି ପାଇବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବିଧାୟକ ଅନନ୍ତ ନାରାୟଣ ଜେନା 'ପ୍ରତିଜ୍ଞା'ର ନିୟମିତ ପାଠକ ବୋଲି କହିବା ସହ ପ୍ରଶଂସା କରିଥିଲେ। 'ପ୍ରତିଜ୍ଞା' ସାଧାରଣ ଲୋକଙ୍କ ପାଇଁ ଲେଖୁଛି, ସାଧାରଣ ଲୋକଟିର ସମସ୍ୟା ସମାଧାନ ପାଇଁ ସଂଗ୍ରାମ ମଧ୍ୟ ଜାରି ରଖିଛି। ସମ୍ମାନୀତ ଅତିଥି ଭୁବନେଶ୍ୱର ବିଜେଡ଼ି ଜିଲ୍ଲା ସଭାପତି ଅମରେଶ ଜେନା କହିଥିଲେ, ଗଣମାଧ୍ୟମ ସଜାଗ ହେଲେ ଦୁର୍ନୀତିରେ ରୋକ ଲାଗିବ। ଗଣମାଧ୍ୟମ ଚାହିଁଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ସମ୍ମାନୀତ ବକ୍ତା ବରିଷ୍ଠ ସାମ୍ବାଦିକ ନୃସିଂହ ନାରାୟଣ ଦାସ ସମାଜରେ ସାମୂହିକ ବିକାଶ ପାଇଁ ଗଣମାଧ୍ୟମ କାମ କରୁ ବୋଲି କହିଥିଲେ। ପ୍ରତ୍ୟେକ ମଣିଷ ମୁଁ ଶବ୍ଦ ଛାଡ଼ି ଆମେ ଓ ସମାଜ ଉନ୍ନତି ପାଇଁ ଚିନ୍ତା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ଜାତୀୟ ସଭାପତି ପୀତବାସ ମିଶ୍ର କହିଥିଲେ ଯେ, ସରକାର ସାମ୍ବାଦିକ ମାନଙ୍କ ପାଇଁ ପେନ୍‌ସନ୍, ବାସଗୃହ ଯୋଗାଇ ଦେବାର ଆବଶ୍ୟକତା ରହିଛି ସାମ୍ବାଦିକ ଶ୍ରୀ ନନ୍ଦ ଲେଖନୀ ମାଧ୍ୟମରେ ସମାଜକରେ ସଂସ୍କାର ଆସିପାରିବ ଓ ବିକଶିତ ରାଷ୍ଟ୍ର ଗଠନ ହୋଇପାରିବ ବୋଲି କହିଥିଲେ। ସମ୍ପାଦକ ଅଶୋକ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସମାଜରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ଶିଳ୍ପଦ୍ୟୋଗୀ ତଥା ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ରନାଥ ପଣ୍ଡା, ସାମ୍ବାଦିକ ବିଶ୍ୱନାଥ ସାମଲ, ପରମେଶ୍ୱର ଦାଶ, ସମାଜସେବୀ ରତନ ରଞ୍ଜନ ବେହେରା, ଆଇନ୍‌ଜୀବୀ ସୁରେନ୍ଦ୍ର ଦାଶ ଓ ପ୍ରତାପ ଚନ୍ଦ୍ର ଦାସଙ୍କୁ 'ପ୍ରତିଜ୍ଞା' ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଅଧ୍ୟାପିକା ତଥା ଲେଖିକା ଶ୍ରୀମତୀ ସ୍ନେହଲତା ପୃଷ୍ଟି ମଞ୍ଚ ପରିଚାଳନା କରିଥିଲା ବେଳେ 'ପ୍ରତିଜ୍ଞା'ର ପରିଚାଳନ ସମ୍ପାଦକ ବିକ୍ରମଦେବ ମିଶ୍ର ଅର୍ପଣ କରିଥିଲେ।

# ଶ୍ରବଣବାଧିତ ଓ ଦୃଷ୍ଟିବାଧିତ ଲୋକମାନଙ୍କ ଜୀବନରେ ଆଲୋକ ଆଣିଦେଇଛି ସାମ୍‌ସଙ୍ଗର ଗୁଡ୍ ଭାଇବ୍‌ସ ଓ ରେଲୁମିନୋ

ଭୁବନେଶ୍ୱର : ସାମସଙ୍ଗ ଭାରତର ସର୍ବବୃହତ୍ ଓ ସବୁଠାରୁ ବିଶ୍ୱସନୀୟ କଞ୍ଜ୍ୟୁମର ଇଲେକ୍‌ଟ୍ରୋନିକ୍‌ସ ଓ ସ୍ମାର୍ଟଫୋନ୍ ବ୍ରାଣ୍ଡ ଦୁଇଟି ସ୍ୱତନ୍ତ୍ର ସଲ୍ୟୁସନର ଉପସ୍ଥାପନ କରିଛି – ଗୁଡ୍ ଭାଇବ୍‌ସ ଓ ରେଲୁମିନୋ – ଯାହା ଶ୍ରବଣ ବାଧିତ ଓ ଦୃଷ୍ଟବାଧିତ ଲୋକମାନଙ୍କ ପାଇଁ ଏକ ବଳିଷ୍ଠ ଯୋଗାଯୋଗ ମାଧ୍ୟମ ରୂପେ ସହାୟତା ପ୍ରଦାନ କରିବ। ଗୁଡ୍ ଭାଇବ୍‌ସ, କୁ ଭାରତରେ ବିକଶିତ କରାଯାଇଛି। ଏହା ଶ୍ରବଣବାଧିତ ଲୋକମାନଙ୍କୁ ଦୁଇ-ପାର୍ଶ୍ୱ ଯୋଗାଯୋଗ ମାଧ୍ୟମରେ ସେମାନଙ୍କର ଯତ୍ନପ୍ରଦାନକାରୀ, ପରିବାର ଓ ବନ୍ଧୁଙ୍କ ସହିତ ସ୍ମାର୍ଟଫୋନ୍ ମାଧ୍ୟମରେ ସହାୟତା ପ୍ରଦାନ କରିବ। ଗୁଡ୍ ଭାଇବ୍‌ସ ଆପ୍ ମୋର୍ସ କୋଡ୍ ଜରିଆରେ କମ୍ପନକୁ ଟେକ୍ସଟ ବା ସ୍ୱର ଓ ବିପରୀତ କ୍ରମେ ରୂପାନ୍ତରିତ କରିଥାଏ। ଏହି ଆପ୍‌ରେ ଦୁଇଟି ଭିନ୍ନ ୟୁଜର ଇଂଟରଫେସ୍ (ୟୁଆଇ) ରହିଛି। ଗୋଟିଏ ଇଂଟରଫେସ୍‌ରେ ଶ୍ରବଣବାଧିତଙ୍କ ପାଇଁ ଅଦୃଶ୍ୟ ୟୁଆଇ ରହିଛି ଯାହା କମ୍ପନ, ଟ୍ୟାପ୍‌ସ ଓ ଅଙ୍ଗଭଙ୍ଗୀକୁ ବ୍ୟବହାର କରିଥାଏ, ଅନ୍ୟ ପକ୍ଷରେ ଅନ୍ୟଟିରେ ଦୃଶ୍ୟମାନ ୟୁଆଇ ରହିଛି ଯାହାକି ଯତ୍ନପ୍ରଦାନକାରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ଼ ଚାର୍ଟ ଇଂଟରଫେସ୍ ରହିଛି। ଶ୍ରବଣବାଧିତ ଇଂଟରଫେସ୍ ଜରିଆରେ ଜଣେ ଶ୍ରବଣବାଧିତ ବ୍ୟକ୍ତି ଡଟ୍‌ସ ଓ ଡ୍ୟାସର ବ୍ୟବହାର କରି ତାଙ୍କର ବାର୍ତାକୁ ପ୍ରେରଣ କରିଥାନ୍ତି। ଷ୍ଟାଣ୍ଡାର୍ଡ଼ ଇଂଟରଫେସ୍ ମାଧ୍ୟମରେ ୟୁଜର୍ସମାନେ ଶ୍ରବଣବାଧିତ ବ୍ୟକ୍ତିଙ୍କୁ ଟାଇପ୍ କରି ବା ସ୍ୱରର ବ୍ୟବହାର କରି ବାର୍ତାର ପ୍ରେରଣ କରିଥାନ୍ତି। ଟେକ୍ସଟ ବା ସ୍ୱର ମୋର୍ସ କୋଡ୍‌ରେ କମ୍ପନ ରୂପେ ଗ୍ରହଣ କରାଯାଇଥାଏ ଯାହାକୁ ଶ୍ରବଣବାଧିତ ଲୋକମାନେ ବୁଝି ପାରିଥାନ୍ତି।

ଗୁଡ ଭାଇବ୍‌ସ ଆପ୍ କୁ ସାମ୍‌ସଙ୍ଗ ଗାଲାକ୍ସି ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରାଯାଇପାରିବ ଓ ଅନ୍ୟ ସମସ୍ତ ଆଣ୍ଡ୍ରଏଡ୍ ସ୍ମାର୍ଟଫୋନ୍ ୟୁଜରଙ୍କ ପାଇଁ ଖୁବ୍ ଶୀଘ୍ର ଗୁଗଲ୍ ପ୍ଲେ ଷ୍ଟୋରରେ ଉପଲବ୍ଧ ହେବ।

ରେଲୁମିନୋ ଯାହାକୁ ସାମ୍‌ସଙ୍ଗ କର୍ମଚାରୀମାନଙ୍କ ଦ୍ୱାରା କମ୍ପାନୀର ସି-ଲ୍ୟାବ୍ ପ୍ରୋଗ୍ରାମ ଜରିଆରେ ବିକାଶ କରାଯାଇଛି। ଏହା ହେଉଛି ସ୍ୱଳ୍ପ ଦୃଷ୍ଟି ଥିବା ଲୋକମାନଙ୍କ ପାଇଁ ଏକ ଭିଜୁଆଲ୍ ଏଡ୍ ଆପ୍ଲିକେସନ। ଏହାଦ୍ୱାରା ଚିତ୍ରକୁ ମାଗ୍‌ନିଫାଏ ଓ ମିନିମାଇଜ୍ କରି, ଇମେଜ୍ ଆଉଟ୍‌ଲାଇନକୁ ହାଇଲାଇଟ୍ କରି, କଲର କଂଟ୍ରାଷ୍ଟକୁ ଆଡ୍‌ଜଷ୍ଟ କରି ଓ କଲର ରିଭର୍ସ କରି ସେମାନେ ଚିତ୍ରକୁ ଦେଖିପାରିଥାନ୍ତି। ରେଲୁମିନୋ ସମ୍ପର୍କରେ ଅଧିକ ଜାଣିବା ପାଇଁ ଦୟାକରି ଲଗ ଅନ୍ କରନ୍ତୁ : https://www.samsungrelumino.com/ .ନାଗରିକ ପଦକ୍ଷେପର ଅଂଶସ୍ୱରୂପ, ସାମ୍‌ସଙ୍ଗ ସେନ୍‌ସି ଇଣ୍ଡିଆ ସହିତ ସହଭାଗୀତା ସ୍ଥାପନ କରିଛି ଯାହାକି ଏକ ଅଣ-ଲାଭଦାୟକ ସଂସ୍ଥା ଓ ଦେଶରେ ଶ୍ରବଣବାଧିତକ ଲୋକମାନଙ୍କରେ ଜୀବନରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରୁଛି। ସାରା ଦେଶରେ ଗୁଡ୍‌ଭାଇବ୍‌ସକୁ ଶ୍ରବଣବାଧିତ ଲୋକମାନଙ୍କ ନିକଟରେ ପହଂଚାଇବା ନିମନ୍ତେ, ସାମ୍‌ସଙ୍ଗ ସେନ୍‌ସ ଇଣ୍ଡିଆ ଏଡୁକେଟର୍ସ, ଶ୍ରବଣବାଧିତ ବ୍ୟକ୍ତି, ତାଙ୍କର ଯତ୍ନପ୍ରଦାନକାରୀଙ୍କ ପାଇଁ ଦିଲ୍ଲୀ ଓ ବେଙ୍ଗାଲୁରୁ ଠାରେ ତାଲିମ୍ କର୍ମଶାଳାର ଆୟୋଜନ କରୁଛି।

# ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ବ୍ରାଣ୍ଡ ଅଭିଯାନ

ଭୁବନେଶ୍ୱର: ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ କମ୍ପାନୀ ଲିମିଟେଡ଼ ଆଜି ଏହାର ନୂତନ ବ୍ରାଣ୍ଡ ଅଭିଯାନ 'ଆର୍ ୟୁ ଦି ଡିଫରେନ୍ସ'ର ଶୁଭାରମ୍ଭ କରିଛି। ଜୀବନ ବୀମା କ୍ରୟ କରିବା ସମୟରେ ସେ ତାହାର ଗ୍ରାହକମାନଙ୍କୁ 'ବାସ୍ତବ ଜୀବନ ମୂଲ୍ୟ' ବିଷୟରେ ଅନୁଭବ କରାଇବା ଉପରେ ଦୃଷ୍ଟି ପ୍ରଦାନ କରୁଛି।ଏହି ଅଭିଯାନ ୬୦ ମିନିଟ୍ ସମୟ ଅବଧି ବିଶିଷ୍ଟ ଏକ କ୍ଷୁଦ୍ର ଚଳଚ୍ଚିତ୍ର ମାଧ୍ୟମରେ ଚଳିତ ବର୍ଷ ସେପ୍ଟେମ୍ବର ୯ରୁ ପ୍ରସାରିତ ହେଉଛି। ଏହା ଗ୍ରାହକଙ୍କୁ ସେମାନଙ୍କ ପ୍ରିୟଜନଙ୍କ ଜୀବନରେ ଉଭୟ ଆର୍ଥିକ ଓ ମାନସିକ କ୍ଷେତ୍ରରେ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିଛି । ପୁଣି ମ୍ୟାକ୍ସ ଲାଇଫ୍ ଇନ୍‌ସ୍ୟୁରାନ୍ସ 'ରିଅଲ୍ ଭ୍ୟାଲୁ ଟୁଲ୍'ର ଶୁଭାରମ୍ଭ କରିଛି, ଯାହା ଲୋକମାନଙ୍କୁ ସେମାନଙ୍କ ବାସ୍ତବ ମୂଲ୍ୟ ପ୍ରଦାନ କରିବା ସହିତ ବାସ୍ତବ ମୂଲ୍ୟ ଓ ବର୍ତ୍ତମାନର ଜୀବନ ବୀମା କଭର୍ ମଧ୍ୟରେ ଥିବା ଦୂରତାକୁ କମ୍ କରୁଛି। କମ୍ପାନୀ ଆଗତ ଦୁଇ ମାସ ମଧ୍ୟରେ ୫୦ ଲକ୍ଷ ଲୋକମାନଙ୍କୁ ଏହି 'ରିଅଲ୍ ଭ୍ୟାଲୁ ଟୁଲ୍' ମଧ୍ୟମରେ ସେମାନଙ୍କ ବାସ୍ତବ ମୂଲ୍ୟକୁ ହୃଦୟଙ୍ଗମ କରାଇବା ନିମନ୍ତେ ଲକ୍ଷ୍ୟ ରଖିଛି।ଏହି ବ୍ରାଣ୍ଡ ଅଭିଯାନ ବିଷୟରେ ଶ୍ରୀଯୁକ୍ତ ଆଲୋକ ଭାନ୍, ନିର୍ଦ୍ଦେଶକ ଓ ମୁଖ୍ୟ ବାଣିଜ୍ୟିକ ଅଧିକାରୀ, ମ୍ୟାକ୍ସ ଲାଇଫ୍ ପ୍ରକାଶ କରିଛନ୍ତି, "ବାସ୍ତବ ଜୀବନ ଚର୍ଯ୍ୟା ମଧ୍ୟରେ ଆମର ଅଭିଯାନ ଲୋକମାନଙ୍କ ମୂଲ୍ୟକୁ ବଞ୍ଚାଇ ରଖିବାରେ ସହାୟକ ହୋଇପାରିବ । ଆମେ ବିଶ୍ୱାସ କରୁଯେ, ଯଦି ଲୋକମାନେ ସେମାନଙ୍କ ବାସ୍ତବ ମୂଲ୍ୟ ବୁଝିପାରିବେ, ତେବେ ସେମାନେ ଆପେ ଆପେ ଏହାକୁ ରକ୍ଷା କରିବା ନିମନ୍ତେ କାର୍ଯ୍ୟ କରିବେ। ଏହା ସେମାନଙ୍କ ପରିବାରକୁ କୌଣସି ପରିସ୍ଥିତିରେ ଅସୁବିଧାରେ ପଡ଼ିବାଠାରୁ ରକ୍ଷା କରିବ।" ଏହି ଶୁଭାରମ୍ଭ ଅବସରରେ ରିତୁ ଶାରଦା, ମୁଖ୍ୟ କ୍ରିଏଟିଭ୍ ଅଧିକାରୀ, ଅଜିଲିଭି ନର୍ଥ କହିଛନ୍ତି, "ଅନେକ ସମୟରେ ଆମେ ଅନୁଭବ କରିନଥାଉ ଯେ, ଅନ୍ୟମାନଙ୍କ ଜୀବନରେ ଆମେ କେତେ ବଡ଼ ପରିବର୍ତ୍ତନ ଆଣିଛୁ। ଆମର କାର୍ଯ୍ୟ ଓ ଦାୟୀତ୍ୱ ମଧ୍ୟରେ ରହି ଆମେ ନିଜକୁ ନିମ୍ନ ଦୃଷ୍ଟିରେ ଦେଖିଥାଉ। ଏହା ଦର୍ଶାଉଛିଯେ, ଆମେ ଆମର ଜୀବନ ବୀମାକୁ କିଭଳି ଭାବେ ଗ୍ରହଣ କରୁଛୁ ।

# କରବର ପ୍ରକଳ୍ପ ଉଚ୍ଚପ୍ରାଥମିକ ପକ୍ଷରୁ ସଫେଇ କାର୍ଯ୍ୟ

ବାଙ୍କୀ,(ପିଏନ)--ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ କରବର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ପରିସର ଏବଂ କରବର ଗ୍ରାମର ଗ୍ରାମ୍ୟରାସ୍ତାକୁ ସଫେଇ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଭାସିନୀ ସାମନ୍ତରାୟଙ୍କ ନେତୃତ୍ୱରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତୀ , ଶିକ୍ଷକ , ଶିକ୍ଷୟତ୍ରୀ ଓ ମହିଳା ସ୍ୱୟଂ ସାହାୟକ ଗୋଷ୍ଠୀଙ୍କ ପକ୍ଷରୁ ଗ୍ରାମର ଉଭୟ ପାର୍ଶ୍ୱ ସଫା କରିବା ସହ ମଇଳା ଆବର୍ଜନାକୁ ଡଷ୍ଟବିନ୍‌ରେ ପକାଇବା ପାଇଁ ଜନସଚେତନତା ସୃଷ୍ଟି କରିଥିଲେ। ଏଥିରେ ବିଦ୍ୟାଳୟର ଶିକ୍ଷକ ମନୋଜ ଶତପଥୀ ,ସୁରେନ୍ଦ୍ର ନାୟକ, ରମେଶ ଚନ୍ଦ୍ର ନାୟକ, ସୌଦାମିନୀ ସାହୁ, ମୋନାଲିସା ନନ୍ଦ, ପରମାନନ୍ଦ ପିରୋଇ ଓ ଝରଣା ସାହୁ ପ୍ରମୁଖ ଏହି ସଫେଇ କାର୍ଯ୍ୟରେ ସହଯୋଗ କରିଥିଲେ।



# ବାଙ୍କୀ ବିଜୁ ଜନତାଦଳ ପକ୍ଷରୁ ହରିରାଜପୁର ପଂଚାୟତର କର୍ମୀ ସମ୍ମିଳନୀ



ବାଙ୍କୀ,(ପିଏନ)-ଆଜି ବାଙ୍କୀ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ହରିରାଜପୁର ପଂଚାୟତର ବିଜେଡି କର୍ମୀମାନଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ହରିରାଜପୁର ପଂଚାୟତର ସାଧାରଣ ଲୋକଙ୍କୁ ଶିକ୍ଷା , ସ୍ୱାସ୍ଥ୍ୟ , ପରିମଳ, ଆବାସ ଯୋଜନା, ପାନୀୟଜଳ ବ୍ୟବସ୍ଥା, ରେସନ୍ କାର୍ଡ ପ୍ରଭୃତି ଯୋଜନାକୁ ପ୍ରକୃତ ହିତାଧିକାରୀମାନଙ୍କ ପାଖରେ ପହଞ୍ଚାଇବା ସହ ବିଜୁ ଜନତା ଦଳର ଦଳିୟ ସାଂଗଠନିକୁ ତୃଣମୂଳ ସ୍ତରରେ ଆହୁରି ମଜବୁତ କରିବା ସହ ନିଜ ଅଂଚଳର ନୂତନ ଭାବେ ସଭ୍ୟ ସଂଗ୍ରହ କରିବା ତତ୍ ସହିତ ରଜ୍ୟ ସରକାରଙ୍କର ବିଭିନ୍ନ ଜନହିତକର ଯୋଜନାମାନ ସଠିକ୍ ଭାବରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଉପସ୍ଥିତ ଦଳିୟ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଜୁ ଜନତାଦଳର ଡମପଡ଼ା ବ୍ଲକ ସଭାପତି ଆର୍ତ୍ତତ୍ରାଣ ସ୍ୱାଇଁ, ପ୍ରକାଶ ଜେନା, ସରପଂଚ ଦେବସ୍ମିତା ସେଠୀ, ପୂର୍ବତନ ସରପଂଚ ପୂର୍ଣ୍ଣଚନ୍ଦ୍ର ନାୟକ, ଅଜୟ ନାଏକ, ସରପଂଚ ପ୍ରତିନିଧି ପରମାନନ୍ଦ ସେଠୀ ପ୍ରମୁଖ ଯୋଗଦେଇ ଦଳିୟ ସଂଗଠନକୁ ପଂଚାୟତ ସ୍ତରରେ କିପରି ମଜବୁତ୍ କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଜିଲ୍ଲା ପରିଷଦ ସଦସ୍ୟ ତ୍ରିଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ହରିରାଜପୁର ପଂଚାୟତର ବହୁ ବିଜେଡି କର୍ମୀ ଯୋଗଦେଇଥିଲେ।




# ଈଶ୍ୱର ପ୍ରେମ ହିଁ କେବଳ...



ଭୁବନେଶ୍ୱର (ପିଏନ୍): ଆମ ଭାରତବର୍ଷ ଏ ଦୃଷ୍ଟିରୁ ବହୁତ ଭାଗ୍ୟବାନ ଯେ ଭଗବାନ ଯେତେବେଳେ ଅବତାର ଗ୍ରହଣ କରିବାକୁ ଇଚ୍ଛା କରନ୍ତି ଏଇ ଭାରତ ଭୂମିକୁ ହିଁ ପସନ୍ଦ କରିଥାନ୍ତି। ଏହାର କାରଣ ସ୍ୱରୂପ ଅନେକ ମହାପୁରୁଷ ଅନେକ ପ୍ରକାର ଉତ୍ତର ଦେଇଥାନ୍ତି। ସେ କାରଣ ଗୁଡ଼ିକ ଠିକ୍ ହୋଇପାରେ, ଭଗବାନ ଯେଉଁ ଉତ୍ତର ଦିଅନ୍ତି ତାହା ସର୍ବଶ୍ରେଷ୍ଠ। ତା'ହେଉଛି ଏହା ଭଗବାନଙ୍କ ଇଚ୍ଛା। ସେ ଏଠାରେ ଅବତାର ନେବାକୁ ଇଚ୍ଛା କରିବା ହିଁ ଆମ ପାଇଁ ସବୁଠାରୁ ବଡ଼ କୃପା। ଅବତାରଙ୍କ ଜୀବନକାଳର ପ୍ରଭାବରେ ଅନେକ ସାଧାରଣ ଲୋକ ଭକ୍ତରେ ପରିଣତ ହୋଇଯାଆନ୍ତି, ଅନେକ ଭକ୍ତ ତାଙ୍କ ଭକ୍ତିକୁ ରୂପ ଦେବାକୁ ଯାଇ ଲୋକ ସେବକ ହୋଇଯାଆନ୍ତି। ଭକ୍ତି ଓ ସେବା କର୍ମ ଯୋଗୁଁ ସେମାନେ ଆଧାତ୍ମିକ ଜ୍ଞାନର ଅଧିକାରୀ ହୋଇଥାଆନ୍ତି। ଅବତାର ମାନଙ୍କ ମଧ୍ୟରୁ କିଏ ବଡ଼ କିଏ ସାନ କହିବା ଆମ ଭଳି ସାଧାରଣ ଲୋକଙ୍କ ପକ୍ଷରେ ଧୃଷ୍ଟତା ହୋଇଥାଏ। ସେ କ୍ଷମତା କିଏ କାହାକୁ ଦେଇନାହାନ୍ତି। ଯୁଗ, ପରିସ୍ଥିତି, ଦୁଷ୍ଟମାନଙ୍କ ପ୍ରାଦୁର୍ଭାବ, ସାଧୁ ମାନଙ୍କ ପ୍ରାର୍ଥନାର ଗଭୀରତା ତଥା ଜନସାଧାରଣଙ୍କ ପ୍ରାଣର ବ୍ୟାକୁଳତାକୁ ବିଚାରକୁ ନେଇ ଭଗବାନ ଯେଉଁ ନାମ ଓ ରୂପ ଗ୍ରହଣ କରିବାକୁ ସ୍ଥିର କରନ୍ତି, ତାହାକୁ କାହା ସହ ତୁଳନା କରିବା ଏବଂ କିଏ କେତେ କଳାର ଅବତାର କହିବା ନିଶ୍ଚିତ ଭାବେ ଅପରାଧ। ଯାହା ଆଖିକୁ ଦେଖାଯାଏ, ଯାହା କାନକୁ ଶୁଣାଯାଏ, ଯାହା ଅନୁଭବ ହୁଏ, ସେ ସବୁକୁ ଆଧାର କରି ଜଣେ ନିଜ ହୃଦୟର ଅଭିବ୍ୟକ୍ତି କେବଳ ପ୍ରକାଶ କରିପାରିବେ। ତାହା ହିଁ ଶ୍ରେଷ୍ଠ ମନ୍ତବ୍ୟ ହେବ। ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲ୍ଲା ଅନ୍ତର୍ଗତ ପୁଟ୍ଟପର୍ତ୍ତି ଠାରେ ଶ୍ରୀ ସତ୍ୟସାଇ ବାବା ଆବିର୍ଭାବ ହୋଇ କୋଟି କୋଟି ଲୋକଙ୍କ ହୃଦୟରେ ଆସନପାତି ବସିବା, ସନ୍ଦେହୀ ମାନଙ୍କ ସନ୍ଦେହ ନିବାରଣ କରିବା, ବୈଜ୍ଞାନିକମାନଙ୍କ ମତକୁ ସଠିକ୍ ମାର୍ଗରେ ପରିଚାଳିତ କରିବା, ବ୍ୟବସାୟୀ ମାନଙ୍କ ଦୃଷ୍ଟିଭଙ୍ଗୀକୁ ସାବଲୀଳ କରିବା, ରାଜନୈତିକ ନେତା ମାନଙ୍କ ହୃଦୟରେ ଆଧ୍ୟାତ୍ମିକ ଲେପ ଦେବା ଭଳି କେତେ କେତେ ଦୈବୀ କାର୍ଯ୍ୟ କରିଛନ୍ତି ତାହାର ହିସାବ ଯେତେ ଦେଲେ ମଧ୍ୟ ତା'କମ୍ ହେବ। ଛାତ୍ର ମାନଙ୍କ ଜୀବନରେ ଚରିତ୍ର , ନାରୀ ମାନଙ୍କ ଜୀବନର ଶ୍ରେୟ, ଯୁବକ ମାନଙ୍କ ମଧ୍ୟରେ ସେବା ଭାବ ତଥା ଜନସାଧାରଣଙ୍କ ହୃଦୟରେ ଦେଶପ୍ରୀତି ତଥା ସ୍ୱାର୍ଥ ତ୍ୟାଗର ମନ୍ତ୍ର ଏତେ ଫଳପ୍ରଦ ଭାବରେ ଶିଖାଇଥିଲେ ଯେ ତାଙ୍କର ଏ ଜାଗତିକ ରହଣୀ ପରେ ମଧ୍ୟ ଅଧିକରୁ ଅଧିକ ଭକ୍ତ ନିର୍ମାଣ ହେଉଛନ୍ତି ଓ ସଙ୍ଗଠନର ଶାଖା ମାନ ବଢ଼ିଚାଲିଛି, କେବଳ ଓଡ଼ିଶାରେ ନୁହେଁ, ଭାରତର ସମସ୍ତ ପ୍ରଦେଶରେ ତଥା ପୃଥିବୀର ୧୪୫ଟି ଦେଶରେ। ତାଙ୍କ ଶିକ୍ଷା ଏଭଳି ଥିଲା ଯେ ପୃଥିବୀର ବିଭିନ୍ନ ଦେଶ, ପ୍ରଦେଶରେ ଲୋକମାନେ ଭିନ୍ନ ଭିନ୍ନ ଭାଷା ବ୍ୟବହାର କରୁଥିଲେ ମଧ୍ୟ ବିଭିନ୍ନ ସଂସ୍କୃତିର ହୋଇ ଥିଲେ ମଧ୍ୟ, ବିଭିନ୍ନ ଖାଦ୍ୟାଭ୍ୟାସର ବଶବର୍ତ୍ତୀ ହୋଇଥିଲେ ମଧ୍ୟ, ନିଜ ନିଜ ଧର୍ମର ଗଣ୍ଡି ଭିତରେ ଥାଇ ମଧ୍ୟ ବାବାଙ୍କ ବାଣୀକୁ ସାଦରେ ଗ୍ରହଣ କରି ତାଙ୍କ ପ୍ରଦର୍ଶିତ ମାର୍ଗରେ ନିଜକୁ, ନିଜ ପରିବାରକୁ ଓ ନିଜ ସମାଜକୁ ପ୍ରଭାବିତ ତଥା ପରିଚାଳିତ କରିବାରେ ଲାଗିଛନ୍ତି। ଋଷିଆରେ ତାଙ୍କ ପୂର୍ବନାମ ୟୁଏସ୍ଏସ୍ଆର ପରିବର୍ତ୍ତେ ସେମାନେ କହିଲେଣି, ଏହାର ନାମ ୟୁନାଇଟେଡ ସତ୍ୟ ସାଇ ରିପବ୍ଲିକ। ବାବା ନିଜେ କହନ୍ତି, 'ମୁଁ ଗୋଟିଏ ଅସ୍ତ୍ର ନେଇ ଏଥର ଆସିଛି, ତାହା ହେଉଛି ଅବ୍ୟର୍ଥ ପ୍ରେମ। ଏହା କେବେ ହେଲେ ବ୍ୟର୍ଥ ହେବନାହିଁ। ପରିସ୍ଥିତି ଯେତେ ଜଟିଳ ହେଲେ ମଧ୍ୟ, ସମସ୍ୟା ଯେତେ ଅସମ୍ଭାଳ ଜଣାପଡୁଥିଲେ ମଧ୍ୟ, କୁଟନୀତି ଯେତେ ସାଙ୍ଘାତିକ ହୋଇଥିଲେ ମଧ୍ୟ ପ୍ରେମ ଅସ୍ତ୍ର କେବେହେଲେ ବିଫଳ ହେବନାହିଁ। ମଣିଷର ଷଡ଼ରିପୁ ଯେତେ ପ୍ରବଳ ହୋଇଥାନ୍ତୁ, ବାହ୍ୟ ଶତ୍ରୁ ଯେତେ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ପ୍ରେମଭାବ ନିଶ୍ଚିତ ବିଜୟ ଲାଭ କରିବ।' ସେ ମଧ୍ୟ ସମଗ୍ର ବିଶ୍ୱ ପ୍ରତି ସ୍ନେହ ପ୍ରେମ ଭାବ ପ୍ରୟୋଗ କରି ସବୁକିଛି ହାସଲ କରିଛନ୍ତି। ପ୍ରେମର ଶକ୍ତି ବାବଦରେ ସୂଚନା ଦେଇ କହନ୍ତି ପ୍ରେମରଶକ୍ତି ଈଶ୍ୱରଙ୍କ ଶକ୍ତି ସହ ସମାନ। ଆମ୍ଭମାନଙ୍କୁ ବୁଝାଇଛନ୍ତି ପ୍ରେମ ହିଁ ତ୍ୟାଗ, ପ୍ରେମ ହିଁ କ୍ଷମା, ପ୍ରେମ ହିଁ ନିଃସ୍ୱାର୍ଥପରତା, ପ୍ରେମ ହିଁ ଅହିଂସା, ପ୍ରେମ ହିଁ ଏକମାତ୍ର ଧର୍ମ ଓ ତାହା ହିଁ ସତ୍ୟ। ମନେହୁଏ ଏହି ପ୍ରେମକୁ ଯଦି ଆମେ ଆମ ଜୀବନରେ ସର୍ବୋଚ୍ଚ ସ୍ଥାନ ଦିଅନ୍ତେ ତେବେ ଆମ ସାଂସାରିକ ଜୀବନ ବୈକୁଣ୍ଠ ଜୀବନ ହୋଇଯାଆନ୍ତା।

**(ସୌଜନ୍ୟ: ଡଃ. ସଚ୍ଚିଦାନନ୍ଦ ନନ୍ଦ, ଅଲିଶା ବଜାର, କଟକ, ଦୂରଭାଷ: ୯୪୩୭୫୧୧୨୩୦)**

## ସାଇଭଜନ ପଦଯାତ୍ରା



କଟକ (ପିଏନ୍): ପୁଣ୍ୟ କାର୍ତ୍ତିକର ପବିତ୍ରତମ ପଞ୍ଚୁକ ଅବସରରେ ଶ୍ରୀ ସତ୍ୟସାଇ ସେବାସମିତି କଟକ ଆନୁକୂଲ୍ୟରେ ଓ ସାଇ ଆଶ୍ରିତ ଶିବପ୍ରସାଦ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଅନୁଯାୟୀ ଭଜନ ଓ ସେବାକାର୍ଯ୍ୟ, ନଗର ପରିକ୍ରମା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ସତ୍ୟସାଇଙ୍କ କୃପାପ୍ରାପ୍ତ ସେକ୍ଟର-୧୦ସ୍ଥିତ 'ସତ୍ୟଦୀପ'ରେ ନାମ ସଂକୀର୍ତ୍ତନର ଉଦ୍‌ଯାପନୀ ସମାରୋହ ହୋଇଥିବା ବେଳେ ସମଗ୍ର ମର୍କତ ନଗର ପରିକ୍ରମା ସହ ସତ୍‌ସଙ୍ଗ ଆୟୋଜନ ହୋଇଥିଲା। ପଞ୍ଚୁକର ବିଭିନ୍ନ ଦିବସରେ ସାଇ ଆଶ୍ରିତ ଭବାଶିଷ ଦାସ, ଅମ୍ବିକା ପ୍ରସାଦ ଷେଣ୍ଢ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ରଥ, ଅଞ୍ଜନ ବିଶ୍ୱାଳଙ୍କ ବାସଭବନରୁ ଏହି ନାମ ସଂକୀର୍ତ୍ତନ ଯାତ୍ରା ସମଗ୍ର ମର୍କତ ନଗର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସମିତିର ପୂର୍ବତନ ଆବାହକ ରବିନାରାୟଣ ସେନାପତି, ସଞ୍ଜୀବ ନନ୍ଦ, ଜଗନ୍ନାଥ ମିଶ୍ର, ବଳଭଦ୍ର ମିଶ୍ର, ଅଶୋକ ପଲାଇ, ପ୍ରକାଶ ଲେଙ୍କା, ଅନୁପମା ରଥ, ଶୈଳେସ ଦାସ, କାର୍ତ୍ତିପଦ୍ମା ମହାନ୍ତି, ନିରୂପମା ଷେଣ୍ଢ, ସୁଲୋଚନା ଅପା, କୁନି ଅପା, ଶାନ୍ତିଲତା ଗ୍ରହାଚାର୍ଯ୍ୟ, ସ୍ୱାଗତିକା ମହାପାତ୍ର ପ୍ରମୁଖଙ୍କ ସ୍ୱତନ୍ତ୍ର ପ୍ରଶାନ୍ତି ଭଜନ ପୁଣ୍ୟ ପବିତ୍ର କାର୍ତ୍ତିକର ପ୍ରତ୍ୟୁଷ ମୁହୂର୍ତ୍ତକୁ ଦିବ୍ୟ ଆନନ୍ଦମୟ କରିପାରିଥିଲା। ଏପରି ଏକ ଅଭିନବ ନାମ ସଂକୀର୍ତ୍ତନ ଯାତ୍ରାରେ ସହରର ସାଇ ଆଶ୍ରିତ, ଆଧାତ୍ମିକ ଶ୍ରଦ୍ଧାଳୁ ଯୋଗଦାନ ପୂର୍ବକ ଶ୍ରୀ ସାଇଙ୍କ କୃପା ଲାଭ କରିଥିଲେ।

# ବିଷ ବଳୟରେ ଭାରତର ସହର



ଭାରତର ୧୩ଟି ସହରର ପବନରେ ଏବେ ଭରିଯାଇଛି ବିଷ। ପ୍ରଦୂଷଣର ମାତ୍ରା ସୀମା ଲଂଘିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବାୟୁ ପ୍ରଦୂଷଣ କ୍ଷେତ୍ରରେ ଦିଲ୍ଲୀକୁ ବିଶ୍ୱର ସର୍ବାଧିକ ପ୍ରଦୂଷିତ ସହର ଭାବେ ଗତବର୍ଷ ଘୋଷଣା କରିଥିବା ବେଳେ ଭାରତର ୧୩ଟି ସହର ବିଶ୍ୱର ସର୍ବାଧିକ ବାୟୁ ପ୍ରଦୂଷିତ ୨୦ଟି ସହର ଭିତରେ ରହିଛି। ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ ଶିଳ୍ପ ବିକାଶ ପାଇଁ ଅହରହ ଉଦ୍ୟମ ଜାରି ରଖିବା ସହ ଭାରତକୁ ଏକ ବିଶ୍ୱସ୍ତରୀୟ ନିର୍ମାଣ କ୍ଷେତ୍ର ଭାବେ ପରିଗଣିତ କରିବାକୁ ଉଦ୍ୟମ ଜାରି ରଖିଛନ୍ତି, ଅନ୍ୟପଟେ ପରିବେଶଗତ ବିପଦ ଘନେଇବାରେ ଲାଗିଛି। ରାଜଧାନୀ ଦିଲ୍ଲୀ ସମେତ ବିଭିନ୍ନ ସହରର ବିଷାକ୍ତ ପବନକୁ ନେଇ ଏବେ ଚିନ୍ତା ବଢୁଛି। ଦିଲ୍ଲୀ ସମେତ ପାଟନା, ଗୋଆଲିୟର, ରାୟପୁର, ଅହମ୍ମଦାବାଦ, କାନପୁର, ଅମୃତସର, ଲୁଧିଆନା, ଆହ୍ଲାବାଦ ଏବଂ ଆଗ୍ରା ସହରରେ ବାୟୁ ପ୍ରଦୂଷଣ ସ୍ଥିତି ବିପଜ୍ଜନକ ରହିଛି। ବିଷାକ୍ତ ପରିବେଶ ଗୁରୁତର ସ୍ୱାସ୍ଥ୍ୟସଙ୍କଟ ସୃଷ୍ଟି କରିଛି। ବିଷାକ୍ତ ଗ୍ୟାସ, ଧୂଳି ଏବଂ ସୁକ୍ଷ୍ମ ପଦାର୍ଥ ପବନରେ ଭରିଯିବାରୁ ମଣିଷର ଶରୀର ପାଇଁ ଏହା ଘାତକ ସାବ୍ୟସ୍ତ ହୋଇଛି। ଏସିଆର ଦ୍ୱିତୀୟ ସର୍ବବୃହତ୍ ଆର୍ଥିକ ଶକ୍ତି ଭାରତର ରାଜଧାନୀ ଏବେ ପ୍ରଦୂଷଣ ପାଇଁ ବଦନାମ ହେବାରେ ଲାଗିଛି।

ଦିଲ୍ଲୀ ସହର ଅବସ୍ଥା ଦିନକୁ ଦିନ ଅତି ଖରାପ ଆଡ଼କୁ ଯାଉଥିବାରୁ ସୁସ୍ଥ ପରିବେଶ ଓ ନିର୍ମଳ ବାୟୁ ଖୋଜୁଥିବା ବହୁ ବ୍ୟକ୍ତି ଦିଲ୍ଲୀରୁ ପଳାଇ ଯାଉଛନ୍ତି। ନ୍ୟୁୟର୍କ ଟାଇମ୍‌ସର ଦିଲ୍ଲୀ ପ୍ରତିନିଧି ଗାର୍ଡ଼ିନେର ହାରିସ୍ ଏଠାରେ ୩ବର୍ଷ କାମ କରିବା ପରେ ଦିଲ୍ଲୀର ବିଷାକ୍ତ ପବନ ପାଇଁ ଏବେ ଭାରତ ଛାଡ଼ିବାକୁ ଯୋଜନା କରିଛନ୍ତି। ରାଜଧାନୀ ଦିଲ୍ଲୀର ପରିବେଶରେ ରହି କାମ କରିବା ତାଙ୍କ ପାଇଁ କଷ୍ଟକର ଦର୍ଶାଇ ସେ ଭାରତ ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ଏକ ଆଲେଖ୍ୟରେ ଦର୍ଶାଇଛନ୍ତି। ସେ ତଥ୍ୟ ପ୍ରମାଣ ସହ ଏହି ସହର କିଭଳି ଆଗାମୀ ପିଢ଼ି ପାଇଁ ଘୋର ବିପଦର କାରଣ ହେବ ତାହା ବର୍ଣ୍ଣନା କରିଛନ୍ତି। ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ନୀତି ଅକାମୀ ହୋଇଯାଇଥିବା ବେଳେ ପ୍ରଦୂଷଣ ସ୍ଥିତି ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ହାରିସ୍ ଦର୍ଶାଇଛନ୍ତି ଯେ ଦିଲ୍ଲୀର ସବୁଠାରୁ ବଡ଼ ବିପଦ ହେଉଛି ଏହାର ପାଣି, ପବନ, ଖାଦ୍ୟ ଏବଂ ମଶା। ଏକ ବିଷ ବଳୟ ଭିତରେ ମଣିଷ ଧୀରେ ଧୀରେ ମୃତ୍ୟୁ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଜୀବନଯାପନର ମାନ ସଙ୍କୁଚିତ ହେବାରେ ଲାଗିଛି। ବିଶ୍ୱ ସ୍ୱାସ୍ଥ୍ୟସଂଗଠନର ରିପୋର୍ଟ ଅନୁଯାୟୀ ୨୦୧୭ରେ ୮.୭ ନିୟୁତରୁ ଅଧିକ ଲୋକ କେବଳ ବାୟୁ ପ୍ରଦୂଷଣ ପାଇଁ ପ୍ରାଣ ହରାଇଛନ୍ତି। ଗୋଟିଏ ନିୟୁତରୁ ଅଧିକ ଲୋକ ତମାଖୁ ସେବନ ଯୋଗୁଁ ପ୍ରାଣ ହରାଇଥିବା ବେଳେ ଏଥିରୁ ୮୮ ପ୍ରତିଶତ ଲୋକ ବିକାଶଶୀଳ ରାଷ୍ଟ୍ରର ବୋଲି ଜଣାପଡ଼ିଛି। ଭାରତର ୩୦ରୁ ଅଧିକ ସହରର ପବନରେ ନାଇଟ୍ରୋଜେନ୍ ଡାଇଅକ୍ସାଇଡ଼, କାର୍ବନ ମନୋକ୍ସାଇଡ଼ ଏବଂ ସଲଫର ଡାଇଅକ୍ସାଇଡ଼ର ମାତ୍ରା ଉଦବେଗଜନକ ଭାବେ ବଢ଼ିଯାଇଛି। ପବନରେ ୧୦ ମାଇକ୍ରୋମିଟରରୁ ଠାରୁ କମ୍ ସୂକ୍ଷ୍ମ ପଦାର୍ଥର ଅବସ୍ଥିତି ମଣିଷର ସ୍ୱାସ୍ଥ୍ୟ ପାଇଁ ବହୁତ ବଡ଼ ବିପଦ ସୃଷ୍ଟି କରିଥାଏ ଏବଂ ରାଜଧାନୀ ଦିଲ୍ଲୀ ସମେତ ଅନେକ ସହର ଏବେ ଏହି ବିପଦକୁ ମୁଣ୍ଡାଇଛି।

ମହିଳାମାନେ ବ୍ୟବହାର କରୁଥିବା ଡିସ୍‌ପୋଜେବଲ ପ୍ୟାଡ଼ ବା ସାନିଟାରି ନାପ୍‌କିନ୍ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ସହ ରୋଗ ବଢୁଥିବା ଏକ ଅଧ୍ୟୟନ ଫଳାଫଳରୁ ଜଣାପଡ଼ିଛି। ବଜାରରେ ବିକ୍ରି ହେଉଥିବା ସମସ୍ତ ଡିସପୋଜେବଲ ପ୍ୟାଡ଼ ସିନ୍ଥେଟିକ। ଏହାର ନବେ ପ୍ରତିଶତ ପ୍ଲାଷ୍ଟିକ। ଥରେ ବ୍ୟବହୃତ ହେବା ପରେ ଫୋପଡ଼ାଯାଏ। ମାଟିରେ ମିଶିବାକୁ ଲାଗେ ପାଞ୍ଚଶହରୁ ଆଠଶହ ବର୍ଷ। ଜଣେ ମହିଳା ନିଜ ଜୀବନ କାଳରେ ଅନ୍ୟୂନ ୧୬୮୦୦ଟି ଏ ଭଳି ପ୍ୟାଡ଼ ବ୍ୟବହାର କରୁଥିବା ଜଣାଯାଏ। ଅର୍ଥାତ୍ ଅଜାଣତରେ ଆମେ କେଉଁ ଭଳି ଭୁଲ କରୁଛେ ଅନୁମେୟ। ବିଶେଷ ଅନୁସନ୍ଧାନରୁ ପ୍ରକାଶ ଯେ, ୧୨ ପ୍ରତିଶତ ବା ୩.୬ କୋଟି ଭାରତୀୟ ମହିଳା ଡିସପୋଜେବଲ ପ୍ୟାଡ଼ ବ୍ୟବହାର କରନ୍ତି। ଋତୁଚକ୍ର ବେଳେ ଜଣେ ମହିଳା ଅନ୍ୟୂନ ୧୨ଟି ପ୍ୟାଡ଼ ବ୍ୟବହାର କରନ୍ତି। ଅର୍ଥାତ୍ ପ୍ରତି ମାସରେ ପଦାରେ ଫୋପଡାଯାଉଛି ୪୩.୨ କୋଟି ପ୍ୟାଡ଼। ଯଦି ପ୍ରତ୍ୟେକ ଭାରତୀୟ ମହିଳା ଏହା ବ୍ୟବହାର କରନ୍ତି ବାର୍ଷିକ ୫୮୫୦ କୋଟି ପ୍ୟାଡ଼ ଫୋପଡାହେବ। ଏହାର ପରିଣାମ ଶୁଭଙ୍କର ନୁହେଁ। ପୁଣି, ସିନ୍ଥେଟିକ ପ୍ୟାଡ଼ରେ ଡାଇଅକ୍‌ସିନ ସମେତ ଏକାଧିକ ବିଷାକ୍ତ ରାସାୟନିକ ପଦାର୍ଥ ରହୁଛି। ଏଗୁଡ଼ିକ ଡିମ୍ବାଣୁ କର୍କଟ ଓ ବନ୍ଧ୍ୟାତ୍ୱ ସୃଷ୍ଟି କରିପାରନ୍ତି। ତେଣୁ ଏ ବାବଦରେ ଅଧିକ ସତର୍କତା ଅବଲମ୍ବନ ସହ ସିନ୍ଥେଟିକ ପ୍ୟାଡ଼ ବଦଳରେ କନା ତିଆରି ପ୍ୟାଡ଼ ବା ଟାମ୍ପୁନ୍ ବା ସିଲିକନ୍ କପ ବ୍ୟବହାର କରିବା ପାଇଁ ବିଜ୍ଞାନୀମାନେ ମତ ଦେଉଛନ୍ତି।

**ଡାକ୍ତର ଶୁଭଶ୍ରୀ ମିଶ୍ର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୧୩୨୪୩୩୩୩୩**

# ରାଜ୍ୟରେ ଆୟୋଡ଼ିନ ସେବନ ହ୍ରାସ ପାଇଛି



ଭୁବନେଶ୍ୱର (ପିଏନ୍): ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତାର ଅଭାବ ଓ ଆଇନର ସଠିକ୍ ଅନୁପାଳନ ହେଉନଥିବାରୁ ରାଜ୍ୟରେ ଆୟୋଡ଼ିନ ସେବନ ଉଦ୍‌ବେଗଜନକ ଭାବେ କମ୍ ରହିଛି। ନିକଟରେ ୟୁନିସେଫ୍ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ଜାତୀୟସ୍ତରରେ ୭୧ ପ୍ରତିଶତ ଲୋକେ ଆୟୋଡ଼ିନ୍ ଲୁଣ ବ୍ୟବହାର କରୁଥିବା ବେଳେ ଓଡ଼ିଶାରେ ମାତ୍ର ୩୨.୪ ପ୍ରତିଶତ ଲୋକ ଏହି ଦରକାରୀ ପଦାର୍ଥ ଖାଉଛନ୍ତି। ଆମ ରାଜ୍ୟରେ ଆୟୋଡ଼ିନ୍ ବ୍ୟବହାରରେ ଏଭଳି ତାରତମ୍ୟ ଚିନ୍ତାର ବିଷୟ ହୋଇଛି। ବିଡ଼ମ୍ବନାର ବିଷୟ ଯେ, ଶରୀର ପାଇଁ ଖୁବ୍ ନଗଣ୍ୟ ପରିମାଣର ଆୟୋଡ଼ିନ୍ ଆବଶ୍ୟକୀୟ ହେଉଥିବା ବେଳେ ଦାରିଦ୍ର୍ୟ ଓ ସଚେତନତାର ଅଭାବ ଯୋଗୁଁ ଆମ ରାଜ୍ୟର ଅନେକଲୋକ ସେତକ ମଧ୍ୟ ସେବନ କରୁନାହାନ୍ତି। ମାନବ ଶରୀର ପାଇଁ ଦୈନିକ ମାତ୍ର ୧୫୦ ମାଇକ୍ରୋ ଗ୍ରାମ୍ ଅର୍ଥାତ୍ ଆଲ୍‌ପିନ୍ ମୂନରେ ମୁନେ ପରିମାଣର ଆୟୋଡ଼ିନ୍ ଦରକାର। ଏହି ହିସାବରେ ବର୍ଷକୁ ଜଣେ ବ୍ୟକ୍ତି ଏକ ଚାମଚ ଆୟୋଡ଼ିନ୍ ଖାଇଲେ ଯଥେଷ୍ଟ। ହେଲେ ଅନେକ ଲୋକ ବିଶେଷ କରି ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼, ରାୟଗଡ଼ା, ମାଲକାନାଗିରି ଆଜି ବି ଆୟୋଡ଼ିନ୍ ରହିତ ଗୋଡ଼ାଲୁଣ ବ୍ୟବହାର କରୁଛନ୍ତି। କେତେକ କ୍ଷେତ୍ରରେ ମଧ୍ୟ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ ବାଧ ବାଧକତାରେ ଶସ୍ତା ହୋଇଥିବା ଗୋଡ଼ାଲୁଣ ଖାଉଛନ୍ତି। ଆୟୋଡ଼ିନ୍ ଏକ ପ୍ରାକୃତିକ ପଦାର୍ଥ ଯାହାକି ମାଟିରେ ମିଶିଥାଏ। ସାଧାରଣତଃ ପନିପରିବା ଓ ଶସ୍ୟ ସହ ତାହା ଶରୀରକୁ ଯାଇଥାଏ। ହେଲେ ଅନେକ ସମୟରେ ବର୍ଷା ପାଣିରେ ମାଟି ଧୋଇ ହୋଇ ଯାଉଥିବାରୁ ପରିବାରରେ ଯଥେଷ୍ଟ ମାତ୍ରାରେ ଆୟୋଡ଼ିନ୍ ମିଳିନଥାଏ। ଏଥିପାଇଁ ଅନେକ ଦେଶରେ ଭିନ୍ନ ଭିନ୍ନ ଖାଦ୍ୟ ପଦାର୍ଥରେ ସ୍ୱତନ୍ତ୍ର ଭାବେ ଆୟୋଡ଼ିନ୍ ମିଶ୍ରଣ କରାଯାଏ। ଭାରତରେ ଲୁଣ ପ୍ରାୟ ସମସ୍ତଙ୍କ ଖାଦ୍ୟର ଏକ ଅବିଚ୍ଛେଦ୍ୟ ଅଂଶ ହୋଇଥିବାରୁ ଏଥିରେ ଆୟୋଡ଼ିନ୍ ସମ୍ମିଶ୍ରଣ କରାଯାଉଛି। ଦେଶର ଅଧିକାଂଶ ରାଜ୍ୟରେ ଆୟୋଡ଼ିନ୍ ମିଶ୍ରିତ ଲୁଣ ବିକ୍ରି ବାଧ୍ୟତାମୂଳକ କରାଯାଇଛି। ଓଡ଼ିଶାରେ ମଧ୍ୟ ୨୦୦୧ ମସିହାରୁ ଆୟୋଡ଼ିନ ରହିତ ଲୁଣ ବିକ୍ରି ନିଷିଦ୍ଧ କରାଯାଇଛି। ତଥାପି କିନ୍ତୁ ଏଠାରେ ଗ୍ରାମାଞ୍ଚଳ ଗୁଡ଼ିକରେ ଆୟୋଡ଼ିନ୍ ମିଶାଯାଇନଥିବା ଗୋଡ଼ାଲୁଣ ବିକ୍ରି ଚାଲିଛି। ଫଳରେ ପ୍ରତିବର୍ଷ ଅନେକ ଶିଶୁ ଆୟୋଡ଼ିନ୍ ଅଭାବ ଯୋଗୁଁ ଗଳଗଣ୍ଡ, କମ୍ ବୃଦ୍ଧି ଶକ୍ତି ଓ ଅନ୍ୟ ମାରାତ୍ମକ ରୋଗର ଶିକାର ହେଉଛନ୍ତି। ଏହି ଦ୍ରବ୍ୟର ଅଭାବ ଯୋଗୁଁ ମଧ୍ୟ ଅନେକଙ୍କର ଗର୍ଭପାତ ଓ ମୃତ ଶିଶୁ ଜନ୍ମ ହେଉଛି। ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳମାନଙ୍କରେ ଏଭଳି ଆୟୋଡ଼ିନ ଅଭାବଜନିତ ରୋଗର ପ୍ରାଦୁର୍ଭାବ ବେଶି ଦେଖାଦେଉଛି। ଆୟୋଡ଼ିନ୍‌ର ଉପକାରିତା ସଂପର୍କରେ ସଚେତନତା ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ସରକାରଙ୍କ ସଚେତନତା ପ୍ରଚେଷ୍ଟା ସତ୍ତ୍ୱେ କିନ୍ତୁ ଅନେକଲୋକ ସୁସ୍ଥ ଶରୀର ପାଇଁ ଅପରିହାର୍ଯ୍ୟ ଆୟୋଡ଼ିନ ବ୍ୟବହାର କରୁନାହାନ୍ତି। ଯଦିଓ ଏଭଳି ଲୋକଙ୍କ ସଂଖ୍ୟା କେତେ ତାହାର ସଠିକ୍ ଆକଳନ ନାହିଁ, ୨୦୦୯ରେ ହୋଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ ୧୭ଟି ଜିଲ୍ଲାରେ ଆୟୋଡ଼ିନ ଅଭାବ ବିଶେଷ ଭାବେ ପରିଲକ୍ଷିତ ହୋଇଥିଲେ। ୨୦୧୦ ମସିହାରେ କରାଯାଇଥିବା ଆଇଏସ୍‌ସିଏଫ୍ ସର୍ବେକ୍ଷଣରୁ ୫୯ ପ୍ରତିଶତ ଘରେ ଆୟୋଡ଼ିନ ଲୁଣ ବ୍ୟବହାର ହେଉଥିବା ଜଣାପଡ଼ିଥିଲା। ଆୟୋଡ଼ିନ୍‌ଯୁକ୍ତ ଲୁଣ ଶରୀର ପାଇଁ ଅତ୍ୟନ୍ତ ଅପରିହାର୍ଯ୍ୟ ତେଣୁ ସାଧାରଣରେ ଏ ନେଇ ସଚେତନତା ବଢ଼ିବା ନିତାନ୍ତ ଜରୁରୀ।

**(ସୌଜନ୍ୟ: ଡାକ୍ତର ନୀଳମାଧବ ପୃଷ୍ଟି, ସିନିୟର ରେସିଡେଣ୍ଟ, ଭୀମସାର, ବୁର୍ଲା, ଦୂରଭାଷ : ୯୪୩୯୪୮୨୫୨୬)**

## ସ୍ତ୍ରୀ ଚରିତ୍ରକୁ ସନ୍ଦେହ କରି ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ

ବାଲେଶ୍ୱର (ପିଏନ୍): ପତ୍ନୀଙ୍କ ପରକୀୟା ପ୍ରୀତିକୁ ସନ୍ଦେହ କରି ଜଣେ ଯୁବକ ଦୁଇଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଅଭିଯୁକ୍ତକୁ ନୀଳଗିରି ପୁଲିସ ଗିରଫ କରିବା ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ନୀଳଗିରି ଥାନା ଅଯୋଧ୍ୟା ଫାଣ୍ଡି ଅନ୍ତର୍ଗତ ଗୋପାଳପୁର ଗ୍ରାମର ବୀରଭଦ୍ର ସିଂ (୪୦) ତାଙ୍କ ସ୍ତ୍ରୀଙ୍କର ଚରିତ୍ରକୁ ନେଇ ସନ୍ଦେହ କରୁଥିଲେ। ଏହାକୁ ନେଇ ଉଭୟଙ୍କର ଦାମ୍ପତ୍ୟ ଜୀବନରେ ଝଡ ସୃଷ୍ଟି ହୋଇଥିଲା। ପତ୍ନୀଙ୍କ ସହ ସମ୍ପର୍କ ଥିବା ସନ୍ଦେହରେ ବୀରଭଦ୍ର ସେହି ଗ୍ରାମର ଗୌରବ ସିଂ (୩୨) ଓ ସୋନା ସିଂ (୨୯)ଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଦୁହେଁ ଗୁରୁତର ଆହତ ହୋଇଥିଲେ। ଗୌରବଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ କେସ୍ ନଂ ୨୮୬/୧୯ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ବୀରଭଦ୍ରଙ୍କୁ କୋର୍ଟ ଚାଲାଣ କରିଛି। ଆହତ ଯୁବକଦ୍ୱୟ ଏବେ ନୀଳଗିରି ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି।

## ରାଜ୍ୟ ବିଦ୍ୟାଳୟ ସମୂହ ଦୌଡକୁଦ ଓ ସଫ୍ଟବଲ ପ୍ରତିଯୋଗିତା ଶେଷ

ବାଲେଶ୍ୱର (ପିଏନ୍): ବାଲେଶ୍ୱରରେ ଚାଲିଥିବା ୬୫ତମ ରାଜ୍ୟ ବିଦ୍ୟାଳୟ ସମୂହ ଓ ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ତିନିଦିନ ଧରି ଖେଳାଯାଇଥିବା ଏହି ପ୍ରତିଯୋଗିତାର ଶେଷ ଦିନରେ ୧୪ ବର୍ଷରୁ କମ୍ (ବାଳିକା) ବର୍ଗରେ ଡିସ୍‌କସ ଥ୍ରୋ, ୧୭ ବର୍ଷରୁ କମ୍ (ବାଳକ ଓ ବାଳିକା) ବର୍ଗରେ ଟ୍ରିପଲ ଜମ୍ପ, ୮୦୦ ମିଟର ଦୌଡ ଓ ୧୦୦ ମିଟର ଦୌଡ ଅନୁଷ୍ଠିତ ହୋଇଥିଲା । ୧୭ ବର୍ଷରୁ କମ୍ ବାଳକ ବର୍ଗରେ କନ୍ଧମାଳର ଅଭି ଶିସା ଓ ବାଳିକା ବର୍ଗରେ ଭୁବନେଶ୍ୱରର ଯମୁନା ଟୁଡୁ ଏକକ ଚମ୍ପିଆନ୍ ହୋଇଥିବାବେଳେ ୧୪ ବର୍ଷରୁ କମ୍ ବାଳକ ବର୍ଗରେ ମାଲକାନାଗିରିର ଦୁଲା ମାଢୀ ଓ ଭୁବନେଶ୍ୱରର ସୁଭଶ୍ରୀ ପରିଡା ଏକକ ଚମ୍ପିଆନ୍ ହୋଇଛନ୍ତି । ଖ୍ରୀଷ୍ଟିଆନ୍ ହାଇସ୍କୁଲ ପଡିଆରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ଶାରିରୀକ ନୀରିକ୍ଷକ ଅଶୋକ କୁମାର ନାୟକ ପୌରୋହିତ୍ୟ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଚାନ୍ଦିପୁରସ୍ଥିତ ସେଣ୍ଟ ଜାଭିୟାର ସ୍କୁଲର ଅଧ୍ୟକ୍ଷ ରାଜେନ୍ଦ୍ର କମାର ତ୍ରିପାଠୀ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସମ୍ବଲପୁର ଜିଲ୍ଲା ଶାରିରୀକ ଶିକ୍ଷା ନୀରିକ୍ଷକ ସତ୍ୟନାରାୟଣ ରାୟଗୁରୁ, ଜ୍ୟୋତି ପ୍ରସାଦ ପରିଡା, ସୌଦାମିନି ଦାସ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ରତିକାନ୍ତ ବେହେରା, ଚିତ୍ତରଞ୍ଜନ ପାସା, ସେଖ୍ ଅବଦୁଲ ହାସିମ୍, ବାବାଜୀଚରଣ ପାଢୀ, ପ୍ରଦୀପ୍ତ କିଶୋର ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ଶିକ୍ଷା ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ସାମାଜିକ ସଂଗଠନ 'ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ' ତରଫରୁ ନିକୋ ପାର୍କସ୍ଥିତ ନନ୍ଦିନୀପଲ୍ଲୀ, ମୁଣ୍ଡାସାହିରେ ଥିବା ଅନୁଷ୍ଠାନ କାର୍ଯ୍ୟାଳୟରେ ସଂଗଠନର ଅଧ୍ୟକ୍ଷ ମୀର୍ ଅହମ୍ମଦ ଅଲ୍ଲୀଙ୍କ ଅଧ୍ୟକ୍ଷତାରେ ଜାତୀୟ ଶିକ୍ଷା ଦିବସ ପାଳିତ ହୋଇଯାଇଛି। ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଆବୁଲ କାଲାମ ଆଜାଦଙ୍କ ଜନ୍ମଦିବସଟିକୁ ଜାତୀୟ ଶିକ୍ଷା ଦିବସ ରୂପେ ପାଳନ କରାଯାଏ। ଅନୁଷ୍ଠାନର ସଦସ୍ୟ ବିନୋଦ କୁମାର ରାଉତ ଆବୁଲ କଲାମଙ୍କର ଜୀବନୀ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅଲ୍ଲୀ ଗୁଣାତ୍ମକ ଶିକ୍ଷାକୁ ନେଇ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଆଗାମୀ ଦିନରେ ଆସିବାକୁ ଥିବା ଜାତୀୟ ଶିକ୍ଷା ନୀତି ଉପରେ ଆଲୋଚନା କରାଯାଇଥିଲା। ଏକ ଉତ୍ତମ ଶିକ୍ଷା ବ୍ୟବସ୍ଥା ପାଇଁ ନିହାତି ଆବଶ୍ୟକ ହେଉଥିବା ପାଠ୍ୟ ଖସଡ଼ା, ପରୀକ୍ଷା ବ୍ୟବସ୍ଥା, ବୈଷୟିକ ଶିକ୍ଷା, ଶିକ୍ଷକଙ୍କୁ ତାଲିମ୍, ବିଦ୍ୟାଳୟ ପରିଚାଳନା ବ୍ୟବସ୍ଥା, ଆବଶ୍ୟକ ଅନୁଯାୟୀ ଶିକ୍ଷକ ନିଯୁକ୍ତି, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଶିକ୍ଷା ବ୍ୟବସ୍ଥାରେ ପାର୍ଥକ୍ୟ, ଆଞ୍ଚଳିକ ଭାଷାକୁ ସମାନ ଭାବେ ଗୁରୁତ୍ୱ ଦେବା ପ୍ରଭୃତି ବିଷୟ ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ହାସ୍ୟ ଅଭିନେତା ଜ୍ଞାନ, ଅଜିତ୍ ମଣ୍ଟୁ, ଚିନ୍ମୟ ମହାପାତ୍ର, ଲୋକରଞ୍ଜନ ବେହେରା, ରାକୁ, ସୁନିଲ୍, ବିପ୍ଳବ, ନିଲୁ ପ୍ରମୁଖ ଯୋଗ ଦେଇଥିଲେ।

## ସାଇ ଜରାଶ୍ରମରେ ବୋଇତ ବନ୍ଦାଣ ଉତ୍ସବ ଏବଂ ଜୀବଜନ୍ତୁ ଓ ପ୍ରକୃତି ସୁରକ୍ଷା ପାଇଁ ମହାଯଜ୍ଞ

ଭୁବନେଶ୍ୱର (ପିଏନ୍): ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ରଘୁନାଥପୁର ସ୍ଥିତ ଶିରିଡି ସାଇ ସନ୍ଥ ଆଶ୍ରମ ଜରାନିବାସ ପରିସରରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ବାରଙ୍ଗ ୪୮ ମଣ୍ଡଳ ସଂକୀର୍ତ୍ତନ ମଣ୍ଡଳୀ ଓ ହାଉସିଂବୋର୍ଡ ସାଇ ମନ୍ଦିର, ପଟିଆ ସାଇ ମନ୍ଦିର ଓ ରଘୁନାଥପୁର ସାଇ ମନ୍ଦିରର ସେବକମାନଙ୍କ ଦ୍ୱାରା ବାବାଙ୍କ ଚଉଦିଡି ଶୋଭାଯାତ୍ରା ନଗର କୀର୍ତ୍ତନ କରି ଆଶ୍ରମରେ ପହଞ୍ଚିଥିଲା । ଏହା ପରେ ମାନ୍ୟବର ବିଧାୟକ, ଉତ୍ତର ଭୁବନେଶ୍ୱର ସୁଶାନ୍ତ କୁମାର ରାଉତ ଓ ରାଜ୍ୟ ବରିଷ୍ଠ ନାଗରିକ ସଂଘର ସଭାପତି ମଧୁମାଧବ ଜେନା ଓ ଆଶ୍ରମର ସାଇଭକ୍ତ, ବରିଷ୍ଠ ନାଗରିକ, ସାମାଜିକ କର୍ମୀ, ବ୍ରାହ୍ମଣ ପଣ୍ଡିତ, ବୁଦ୍ଧିଜୀବି ଓ ରଘୁନାଥପୁର ଗ୍ରାମବାସୀ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏହା ପରେ ଆଶ୍ରମର ପୁଷ୍କରିଣୀରେ ଡଙ୍ଗା ଭସାଇବା ସହିତ ନୌକାବିହାର କରିଥିଲେ । ବାବାଙ୍କ ଦିବ୍ୟଲୀଳାକୁ ସ୍ମରଣ କରି ସମସ୍ତ ସାଇପ୍ରେମୀମାନେ ନାମ ସଂକୀର୍ତ୍ତନ କରିଥିଲ ଓ ଏକ ବିଶେଷ ଯଜ୍ଞର ଆୟୋଜନ କରାଯାଇଥିଲା । ଉକ୍ତ ଯଜ୍ଞରେ ପଶୁପକ୍ଷୀ ଓ ବୃକ୍ଷଲତାମାନଙ୍କ ସୁରକ୍ଷା ପାଇଁ ୧୦୦୮ ଆହୁତି ପ୍ରଦାନ କରାଯାଇଥିଲା । ପଣ୍ଡିତ ଭାସ୍କର ଚନ୍ଦ୍ର ମିଶ୍ର, ପଣ୍ଡିତ ସୁଦର୍ଶନ ଦାସ ଓ ପଣ୍ଡିତ ସୂର୍ଯ୍ୟନାରାୟଣ ମିଶ୍ର ଯଜ୍ଞ କରିଥିଲେ । ଏହି ଉତ୍ସବରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ଓ ଆଗାମୀ ଦିନରେ ଅନେକ ଗୁଡିଏ ଫୁଲଗଛ ଲଗାଇ ପରିବେଶକୁ ସୁନ୍ଦର ଓ ସବୁଜ କରିବା ପାଇଁ ସମସ୍ତେ ପ୍ରତିଶୃତିବଦ୍ଧ ହୋଇଥିଲେ । ପଲିଥିନ୍ ବର୍ଜନ ଓ ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ପବିତ୍ର ପାତ୍ର, ଜିଲ୍ଲା ପରିଷଦ ସଭ୍ୟ କୁନାଲ ରାଉତ, ଅଶ୍ରୁମୋଚନ ମହାନ୍ତି, ମିହିର ରାଉତ, ଡ. ସଂଜୟ ଶତପଥି, ଶ୍ରୀ ଶୋଭାକର ଦାସ, ଫତେ ସିଂ ଅତିଥିମାନେ ଯୋଗ ଦେଇଥିଲେ । ସମାଜରେ ସେବା କାର୍ଯ୍ୟକୁ ପ୍ରାଧାନ୍ୟ ଦେଇଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା । ସାମ୍ବାଦିକତା କ୍ଷେତ୍ରରେ ନିର୍ଭିକ ଓ ନିରପେକ୍ଷ ସମ୍ବାଦ ପରିବେଷଣ ପାଇଁ ସାମ୍ବାଦିକ ପ୍ରଦୀପ୍ତ କୁମାର ସ୍ୱାଇଁ, ଜଗନ୍ନାଥ ଭଂଜ, ଦିବ୍ୟ ମାନସିଂ ଓ ପ୍ରଦୀପ୍ତ ସେଠୀଙ୍କୁ ସମ୍ମାନିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ମ୍ୟାନେଜିଂ ଟ୍ରଷ୍ଟି ବିଜୟ କୁମାର ପାତ୍ର ଓ ସଭାପତି ଆଶିଷ ନାୟକ ପରିଚାଳନା କରିଥିଲେ । ସଂପାଦକ ବିଜୟ କୁମାର ମାର୍ଥା ଜରାଶ୍ରମ ବିଷୟରେ ସୂଚନା ଦେଇଥିଲେ ଓ ଦିଲ୍ଲୀପ କୁମାର ରାଓ ଧନ୍ୟବାଦ ଦେଇଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication




# ହାଇକୋର୍ଟ ବେ ପ୍ରତିଷ୍ଠା ଦାବି ପୁଣି ୫ ଦିନ କାର୍ଯ୍ୟ ବନ୍ଦ କଲେ ଆଇନଜୀବି

ଜୟପୁର, (ପିଏନ)- ଅବିଭକ୍ତ କୋରାପୁଟ ଜିଲା କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ତରଫରୁ ପୁଣି ୫ ଦିନ କାଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି । ଅବିଭକ୍ତ କୋରାପୁଟ ଜିଲାରେ ହାଇ କୋର୍ଟ ବେ ପ୍ରତିଷ୍ଠା ନେଇ ଦୀର୍ଘ ୧୫ ବର୍ଷ ହେବ ଦାବି ହୋଇ ଆସୁଛି । ଏହାକୁ ନେଇ ରାଜ୍ୟ ସରକାର ପାଲ କମିଶନ ଗଠନ କରିଥିଲେ । ଜସଓନ୍ତ ସିଂ ରିପୋର୍ଟ ଅନୁସାରେ ଜୟପୁର ଠାରେ ହାଇକୋର୍ଟ ବେ ପାଇଁ ସବୁ ସ ପୁରଣ କରୁଥିବା କହିଛି କମିଟି ।

ସଂଘ ସୂଚନା ଦେଇଛନ୍ତି ଯେ ଓଡିଶାର ଯଦି କେଉଁଠି ହାଇକୋର୍ଟ ବେ ପ୍ରତିଷ୍ଠା ପାଇଁ ଅନୁକୁଳ ତାହା ହେଉଛି ଜୟପୁର ସହର କାରଣ ଜୟପୁର ସହର ହାଇକୋର୍ଟ ଠାରୁ ୬ ଶହ କି.ମି ଦୁରରେ ରହିଥିବା ବେଳେ ଟ୍ରେନତ ଦୁରର କଥା ସିଧା ସଳଖ ଗୋଟିଏ ବସ ରୁ ୨ ଟି ନାହିଁ । ତେଣୁ ଯାହାର କୁଫଳ ଦାର୍ଘ ବର୍ଷ ହେବ ଅବିଭକ୍ତ କୋରାପୁଟ ଜିଲାର ନିରିହ ଜନସାଧାରଣ ଭୋଗି ଆସୁଛନ୍ତି । ବିଶେଷ କରି ଅଜ୍ଞନତା ହେତୁ ଏ ଅଂଚଳର ବହୁ ଆଦିବାସି ଓ ହରିଜନ ଶ୍ରେଣିର ଲୋକ ମାନେ ହାଇକୋର୍ଟରେ ମାମଲା ନ ଲଢିପାରି ନିଜ ଅଧିକାର ହରାଇ ବସୁଛନ୍ତି । ଓଡିଶାର ଯେଉଁ ସବୁ ସହର ଗୁଡିକରୁ ହାଇକୋର୍ଟ ବେ ପ୍ରତିଷ୍ଠା ନେଇ ଦାବି ହୋଇ ଆସୁଛି ସେଗୁଡିକ କଟକ ଠାରୁ ଜୟପୁର ଅପେକ୍ଷା ନିକଟରେ ଅଛନ୍ତି । ରାଜ୍ୟ ସରକାର ଏହି ପଛୁଆ, ମାଓପ୍ରବଣ, ଗମନା ଗମନ କ୍ଷେତ୍ରରେ ଅବହେଳିତ ଏବଂ ସାକ୍ଷ୍ୟରତା ଦୃଷ୍ଟିରୁ ପଛରେ ରହିଥିବା ଅ ଳକୁ ପ୍ରଧାନ୍ୟ ଦେଇ ଜୟପୁର ଠାରେ ହାଇକୋର୍ଟ ବେ ପ୍ରତିଷ୍ଠା କରିବାକୁ ନିର୍ଷ୍ପି ନିଆଯାଉ ବୋଲି କମିଟି ଦାବୀ କରିଛି । ୧୯୮୧ରେ ଗଠିତ କେନ୍ଦ୍ର ସରକାରଙ୍କ ଯଶବନ୍ତ ସିଂ କମିଶନର ସୁପାରିଶ ଆଧାରରେ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେ ସ୍ଥାପନ ଦିଗରେ ସମସ୍ତ ସ ପୂରଣ କରୁଛି ।କିନ୍ତୁ ଏନେଇ କୌଣସୀ ସୂଫଳ ମିଳି ପାରିନାହିଁ । ଯାହା ଫଳରେ ଦକ୍ଷିଣ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେ ପ୍ରତିଷ୍ଠା ଦିଗରେ ସରକାର ଶୀଘ୍ର ପ୍ରତିଶୃତି ଦାବିରେ କାଯ୍ୟବନ୍ଦ ଆନ୍ଦୋଳନ ଜାରୀ ରହିଛି ।ଅବିଭକ୍ତ କୋରାପୁଟ ଜିଲା ର ଯେ କୌଣସି ଠାରେ ହାଇକୋର୍ଟ ବେ ପ୍ରତିଷ୍ଠା ଦାବୀ ନେଇ ଦୀର୍ଘ ୧୧ ମାସର କୋର୍ଟ ବର୍ଜନ କରିଥିଲେ ।

ହାଇକୋର୍ଟ ବେଞ୍ଚ ଦାବୀରେ ଓକିଲଙ୍କ କୋର୍ଟ ବର୍ଜନ ଆନ୍ଦୋଳନ ଡିସେମ୍ବର ୪ ତାରିଖରୁ ଆରମ୍ଭ ହୋଇଥିବା ବେଳେ ୧୧ ମାସରେ ଧରି ଆଇନଜୀବି ମାନେ କୋର୍ଟ ବର୍ଜନ କରିଥିଲ । ଦୀର୍ଘ ୧୧ ମାସହେବ ହାଇକୋର୍ଟ ବେ ଦାବୀରେ ଆନ୍ଦୋଳନ ଜାରି ରହିଥିବା ବେଳେ ହାଇକୋର୍ଟ ଏହି ଆନ୍ଦୋଳନକୁ ଆଇନ ଅମାନ୍ୟ କରିଥିବା ନେଇ ମାମଲା ରୁଜୁ କରି ସଂଘ ସଭାପତି ଓ ସମ୍ପାଦକଙ୍କୁ ହାଇକୋର୍ଟ ନୋଟସ କରିଥିଲେ । ଏହି ଆନ୍ଦୋଳନ କୁ ସୁପ୍ରିମକୋର୍ଟ ଓ ହାଇକୋର୍ଟ ଉଦହେଗ ପ୍ରକାଶ କରିବା ପରେ କାଯ୍ୟବନ୍ଦ ଆନ୍ଦୋଳନ କୁ ବନ୍ଦ କରିଥିଲେ । ପୁଣି ଜିଲା ଡମ ସଂଗଠନ ର ଲିଖିତ ଅନୁରୋଧ କ୍ରମେ ବୁଧବାର ଠାରୁ ୫ ଦିନ ଜୟପୁର, କୋଟପାଡ, ସେମିଳିଗୁଡା, କୋରାପୁଟ ଲକ୍ଷ୍ମୀପୁର ଏହି ନବରଙ୍ଗପୁର ଜିଲାର ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ବର ତରଫରୁ କାଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି । ଏମିତିକି ତହସିଲ. ରେଜିଷ୍ଟ୍ରାର ଅଫିସ ମଧ୍ୟ ବନ୍ଦ ରହିଛି ।

# ପୁଣି ଖାଲିପଡିଲା ରାଉରକେଲା ଏଡିଏମ ପଦବୀ

## ଜଣେ ଚଳାଉଛନ୍ତି ୪ ଅଫିସ

ରାଉରକେଲା,(ପିଏନ) - ପୁଣି ଖାଲି ପଡିଲା ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସ । ରାଜ୍ୟସରକାରଙ୍କ ପାଖରେ ପୁଳା ପୁଳା ଆଇଏଏସ ଓଏଏସ ରହିଛନ୍ତି । ହେଲେ ଏକବର୍ଷ ପାଖା ପାଖି ହେବାକୁ ବସିଲା କିନ୍ତୁ ରାଉରକେଲା ଭଳି ଯାଗାକୁ ଜଣେ ଅତିରିକ୍ତ ଜିଲ୍ଲପାଳ ସରକାର ଦେଇ ପାରିଲେ ନାହିଁ । ଜଣେ ଆଇଏଏସ ଅତିରିକ୍ତ ଦାୟିତ୍ୱରେ ଏହି ପଦବୀ ସମ୍ଭାଳିବା ସହ ରାଉରକେଲା ମହାନଗର ନିଗମ, ସ୍ମାର୍ଟସିଟି ଓ ତାସାଙ୍ଗକୁ ବୀରମିତ୍ରପୁର ପୌରପାଳିକା ଦାୟିତ୍ୱ ମଧ୍ୟ ଚଳାଉଛନ୍ତି ।ଏହାରି ଭିତରେ ସେ ପୁଣି ବିଭିନ୍ନ ସମୟରେ ବାହାରକୁ ଜିବା ସହ କୋର୍ଟକାମ ଆଦି ମଧ୍ୟ କରୁଛନ୍ତି ।

ତେଣୁ ଲୋକେ ଏଠାରେ ପ୍ରଶାସନର ମୁଖ୍ୟଙ୍କୁ ଦେଖିବାକୁ ପାଇବା ସମ୍ଭବ ହେଉନାହିଁ । ଯଦି ସହରକୁ ଭିଆଇପି ଆସିଲେ ତେବେ ତାଙ୍କୁ ସବୁ ଅଫିସ ଛାଡି ସେଇଠିରେ ଜିବାକୁ ପଡିବା ମଧ ସ୍ୱାଭାବିକ କଥା ।ନିକଟରେ ଜଣେ ଟାଣୁଆ ଅଫିସର ସ୍ୱେଧାଦେବ ସିଂଙ୍କର ରାଉରକେଲା ଏଡିଏମ ବାବେ ବଦଳି ହୋଇଥିଲା ।ସେ ବଣେଇ ଠାରେ ଥିବାବେଳେ ଅନେକ ଜନହିତକର କାମ କରିଥିବାରୁ ତାଙ୍କ ଆସିବା ଖବର ପାଇ ସହରରର ଲୋକେ ଖୁସି ଅନୁଭବ କରିଥିଲେ ।ତାଙ୍କ ଲାଗି ଏଠାରେ ବାସଭବନ ନଥିବା ବେଳେ ନାନା କଥା ଆଲୋଚନା ଆରମ୍ଭ ହେବାକ୍ଷଣି ତାଙ୍କର ରାଉରକେଲା ଆସିବା କଥା ସରକାର ବନ୍ଦକଲେ ।ତାଙ୍କୁ ଅଲଗା ଆଡେ ବଦଳି କଲେ । ତେଣୁ ପୁଣି ସେଇକଥା, ଜଣେ ଅଫିସରଙ୍କ ହାତରେ ସେଇ ୪ଟି ଅଫିସ ରହିଲା । ତେବେ ତାଙ୍କୁ ଅନେକ ସମୟରେ ଲୋକେ ମହାନଗର ଅଫିସରେ ପାଉଥିବାରୁ ସମସ୍ତ ଅଫିସ କାମ ଭିତରେ ମହାନଗର ଅଫିସ କାମ ମଧ ଢିଲା ପଡୁଥିବା କୁହାଯାଉଛି । ରାଉରକେଲା ଶାସନ କ୍ଷେତ୍ରରେ ବିଭିନ୍ନ ଅଫିସରେ ଅନେକ ପଦବୀ ଖାଲି ରହୁିଥିବାବେଳେ, ବାହାର ଜିଲ୍ଲାର ଅଧିକାରୀ ମାନେ ଏହିସବୁ ଅଫିସକୁ ମାସରେ ଥରେ ଦୁଇଥର ଆସି କାମଚଳାଉଛନ୍ତି ।ଏହା ଦ୍ୱାରା ସରକାରଙ୍କ କାମ ଯାହା ଲୋକଙ୍କ ଲାଗି ହେବା କଥା ତାହା ସଂପୁର୍ଣ ଢିଲା ଅବସ୍ଥାରେ ଚାଲିଛି । ଏହାର ଜ୍ୱଳନ୍ତ ଉଦାହରଣ, ମାପଓଜନ ବିଭାଗ, କାରଖାନା ବିଭାଗ, ଶିକ୍ଷାବିଭାଗ ଅନ୍ୟତମ ।ଅନେକ ଅଫିସରେ କର୍ମଚାରୀ ନାହାନ୍ତି ତାକୁ ଚଳା ଯାଉଛି ,ହେଲେ ଯଦି ଅଧିକାରୀ ନଥିବେ ତେବେ କାମ କେମିତି ଚାଲୁଥିବା ତାହା ଅନୁମାନ କରାଯାଇପାରେ ।

# ଲୋକମାନଙ୍କୁ ସରଳ ଓ ସହଜ ରାଜସ୍ୱ ସେବା ଯୋଗାଅ: ଜିଲ୍ଲାପାଳ

ଯାଜପୁର, (ପିଏନ)-ଧାର୍ଯ୍ୟ ସମୟ ସୀମା ମଧ୍ୟରେ ବକେୟା ରାଜସ୍ୱ ମାମଲା ଗୁଡିକ ଫଂଏସଲା ଓ ରାଜସ୍ୱ ଆଦାୟ ସହ ଲୋକ ମାନଙ୍କୁ ସହଜ, ସରଳ ଓ ତ୍ୱରିତ ସେବା ପ୍ରଦାନ କରିବାକୁ ଜିଲ୍ଲାପାଳ ରଂଜନ କୁମାର ଦାସ ନିର୍ଦ୍ଦେଶ ଦେଇଚ୍ଛନ୍ତି । ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଅପରାହ୍ନରେ ମାସିକ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ଦାସ ସରକାରଙ୍କ ୫ଟଶ୍ୱ ମନ୍ତ୍ର ଜନସାଧାରଣଙ୍କ ନିକଟରେ ଉପଲବ୍ଧ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲାରେ ଥିବା ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ରାଜସ୍ୱ ମାମଲା ଗୁଡିକର ନିର୍ଦ୍ଧାରିତ ରାଜସ୍ୱ ସେବା ଅଧିକାର ପ୍ରଦାନ ସମୟ ସୀମା ମଧ୍ୟରେ ସମାଧାନ କ୍ଷେତ୍ରରେ ନୈରାଶ୍ୟ ପ୍ରଦର୍ଶନ କରିଥିବା ତହସିଲଦାରଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କୁ ବିଳମ୍ବର କାରଣ ଦର୍ଶାଇବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏତଦ୍ ବ୍ୟତୀତ ଜିଲ୍ଲାପାଳ ଲଘୁ ଖଣିଜ ଉତ୍ସ ଗୁଡିକର ଯୋଜନା ପ୍ରସ୍ତୁତ କରି ପରିବେଶ ମଞ୍ଜୁରୀ ପ୍ରଦାନ, ନୂତନ ସଇରାତ ଉତ୍ସ, ଖଣିଜ ପଦାର୍ଥ ଚୋରା ଚାଲାଣ ରୋକିବା ନିମନ୍ତେ ଚେକ୍ ପୋଷ୍ଟ ନିର୍ମାଣ, ସରକାରୀ ଜମି ସୁରକ୍ଷା ଓ ପ୍ରାପ୍ତ ଅର୍ଥ ରାଶିର ବିନିଯୋଗ ପ୍ରମାଣ ପତ୍ର ପ୍ରଦାନ, ଖଣିଜ ପଦାର୍ଥର ଚୋରା ଚାଲାଣ ରୋକିବା ନିମନ୍ତେ ନିୟମିତ ଚଢାଉ, ସରକାରୀ ଜମି ହସ୍ତାନ୍ତର ହୋଇଥାଇ ଅବ୍ୟବହୃତ ହୋଇ ପଡିଥିବା ଓ ବଳକା ହସ୍ତାନ୍ତର ସରକାରୀ ଜମିକୁ ଚିହ୍ନଟ କରି ଫେଂରସ୍ତ ଆଣିବା, ଭୂଦାନ କିସମ ନିୟମାବଳୀ ପରିବର୍ତ୍ତନ ପାଇଁ ତହସିଲଦାରଙ୍କ ମତାମତ, ଯାଜପୁର ଜିଲ୍ଲାରେ ୩୨ ଗୋଟି ନୂଆ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସ୍ଥାପନ ନିମନ୍ତେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ବସୁନ୍ଧରା ଯୋଜନାରେ ଜମିର ଅଗ୍ରଗତି, ଉଚ୍ଚ ନ୍ୟାୟାଳୟ ଏବଂ ବିଭିନ୍ନ ନ୍ୟାୟାଳୟରେ ପଡିରହିଥିବା ମାମଲା ଗୁଡିକରେ ଉତର ଓ ପ୍ରତ୍ୟୁତ୍ତର ଯଥା ସମୟରେ ଦାଖଲ କରିବାକୁ ଜିଲ୍ଲାପାଳ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ବ୍ୟତୀତ ଫଂନି, ବୁଲ୍‌ବୁଲ୍ ଓ ତିତିଲ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ଓ ବାସହୀନ ମାନଙ୍କୁ ଯଥାଶିଘ୍ର ସହାୟତା ରାଶି ପ୍ରଦାନ କରି ତାହାର ବିନିଯୋଗ ପତ୍ର ଦାଖଲ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ରୋଜଭ୍ୟାଲିର କମିଶନକୁ ତଦନ୍ତ ସାରି ଚୁଡାନ୍ତ ବିବରଣୀ ଚଳିତ ମାସ ୨୪ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ସହକାରୀ ଜିଲ୍ଲାପାଳ ତରଣୀସେନ ପଟ୍ଟନାୟକ ଏବଂ ସମସ୍ତ ତହସିଲାଦାର, ଆଂଚଳିକ ପରିବହନ ଅଧିକାରୀ, ଯାଜପୁର ଓ ଚଣ୍ଡିଖୋଲ, ଖଣି ଉପନିର୍ଦ୍ଦେଶ. ଅବକାରୀ ଅଧିକ୍ଷକ, ଯାଜପୁର ଜିଲ୍ଲା ନିବନ୍ଧକ, ନିର୍ବାହୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଯାଜପୁର-୧ ଓ ନିର୍ବାହୀ ଯନ୍ତ୍ରୀ, ଜାରକା-୨ ପ୍ରମୁଖ ଯୋଗ ଦେଇଥିଲେ । ରାଜସ୍ୱ ବିଭାଗର ଉପ ବିଭାଗୀୟ ଅଧିକାରୀ ଶଶି ଭୂଷଣ ମିଶ୍ର, ବରିଷ୍ଠ ରାଜସ୍ୱ ସହାୟକ ସୁବ୍ରତ ବାରିକ, ବରିଷ୍ଠ ରାଜସ୍ୱ ସହାୟକ କମଳାକାନ୍ତ ଜେନା, ବରିଷ୍ଠ ରାଜସ୍ୱ ସହାୟକ ସସ୍ମିତା ବେହେରା, କନିଷ୍ଠ ରାଜସ୍ୱ ସହାୟକ ପ୍ରମିତା ଜେନା, କନିଷ୍ଠ ରାଜସ୍ୱ ସହାୟକ ସୁମନ୍ତ କୁମାର ବେହେରା ଓ ଯଯାତି କେଶରୀ ଜେନା ପ୍ରମୁଖ ସମୀକ୍ଷା କାର୍ଯ୍ୟରେ ସହାୟତା କରିଥିଲେ ।

# ଜିଲ୍ଲାପାଳଙ୍କ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ ଓ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ତାଗିଦ

ଯାଜପୁର, (ପିଏନ୍)-ସରକାର ରୋଗୀ ସେବାକୁ ପ୍ରାଧାନ୍ୟ ଦେବା ସହ ମୋ ସରକାର ଓ ୫ଟ ମାଧ୍ୟମରେ ଚିକିତ୍ସାଳୟ ଗୁଡିକୁ ଅଧିକ କ୍ରିୟାଶୀଳ କରିବାକୁ ବ୍ୟବସ୍ଥା କରିଚ୍ଛନ୍ତି । ତେବେ ସମସ୍ତ ଅଧିକାରୀ, କର୍ମଚାରୀ ମାନେ ଏହାକୁ ଉତ୍ତରଦାୟୀ ଭାବେ ପାଳନ କରିବାକୁ ଜିଲ୍ଲାପାଳ ରଂଜନ କୁମାର ଦାସ ନିର୍ଦ୍ଦେଶ ଦେଇଚ୍ଛନ୍ତି । ବୁଧବାର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଜିଲ୍ଲାପାଳ ଶ୍ରୀ ଦାସ ଅଚାନକ ଗସ୍ତ କରିଥିଲେ । ବର୍ହି ଓ ଅନ୍ତଃ ବିଭାଗ ଗୁଡିକ ପରିଦର୍ଶନ କରିବା ସହ ରୋଗୀ ମାନଙ୍କ ସହ ଆଲୋଚନା କରି ସମସ୍ୟା ଓ ଯୋଗାଇ ଦିଆଯାଉଥିବା ସେବା ସଂପର୍କରେ ପଚାରି ବୁଝିଥିଲେ । ରୋଗୀମାନେ ଚିକିତ୍ସା ପାଇଁ ନାମ ପଞ୍ଜିକରଣ ଓ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ପଞ୍ଜିକରଣ ସ୍ଥଳରେ ଲମ୍ବା ଲାଇନ ଦେଖି ଜିଲ୍ଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ । ସଂଗେ ସଂଗେ ସି.ଡି.ଏମ୍.ଓ. ଏବଂ ହସ୍ପିଟାଲ ମ୍ୟାନେଜରଙ୍କୁ ଡକାଇ ରୋଗୀ ଅପେକ୍ଷା ସ୍ଥଳରେ ଅଧିକ ଚେୟାର ବ୍ୟବସ୍ଥା କରିବା, ଡିସ୍‌ପ୍ଲେ ବୋର୍ଡ ମାଧ୍ୟମରେ କ୍ରମିକ ନମ୍ବର ଅନୁସାରେ ଡାକିବାକୁ ପରାମର୍ଶ ଦେଇଥିଲେ । ନିଜ କ୍ରମିକ ନମ୍ବର ଆସିବା ପର୍ଯ୍ୟନ୍ତ ରୋଗୀ ଅପେକ୍ଷା ସ୍ଥଳର ଚେୟାରରେ ଆରାମରେ ବସି ପାରିବେ ।

ସେହି ପ୍ରକାରେ ରୋଗୀ ମାନଙ୍କ ନାମ, ବିଭିନ୍ନ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ । ଔଷଧ ବିତରଣ କେନ୍ଦ୍ର ନିକଟରେ ସେଡ୍ ତୁରନ୍ତ କରିବା, ଶିଶୁ ଓ ପ୍ରସୂତି ବିଲଡିଂରେ କ୍ୟାବିନ ବ୍ୟବସ୍ଥା କରିବା, ରୋଗୀଙ୍କ ନିକଟରେ ଅଧିକ ଲୋକ ଯେପରି ନ ରୁହନ୍ତି ସେଥିପ୍ରତି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପରୀକ୍ଷା ନିରୀକ୍ଷା ଗୁଡିକ ଯଥା- ରକ୍ତ, ମଳ,ମୂତ୍ର, ଏକ୍ସରେ, ଅଲଟ୍ରା ସାଉଣ୍ଡ ଇତ୍ୟାଦି ଚିକିତ୍ସାଳୟରେ କରାଇବାକୁ ସେ ପରାମର୍ଶ ଦେଇଥିଲେ । ବାହାରକୁ ରୋଗୀ ମାନଙ୍କୁ ପଠାଇ ଅଯଥା ଖର୍ଚ୍ଚାନ୍ତ ନ କରିବାକୁ ସେ ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କୁ କଡା ତାଗିଦ କରିଥିଲେ ।

ଏହି ପରିଦର୍ଶନ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ସି.ଡି.ଏମ୍.ଓ. ଡା. ଅରୁଣ କୁମାର ପାତ୍ରଙ୍କ ସମେତ ଅନ୍ୟାନ୍ୟ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଓ ଅନ୍ୟମାନେ ଡାକ୍ତରଖାନାର ଚକ୍ଷୁ ବିଭାଗ, ଅନ୍ୟାନ୍ୟ ପାରିପାର୍ଶ୍ୱିକ ସ୍ଥିତିକୁ ପରଖି ଥିଲେ ।

# ବ୍ଲୁ ଷ୍ଟାର କ୍ରିକେଟ ଉଦ୍‌ଯାପିତ: ବାଘସାହି ଚମ୍ପିଅନ

କୋରେଇ,(ପିଏନ)- ପାଣିକୋଇଲି ବ୍ଲୁ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟ କଲେଜ ଖେଳ ପଡିଆରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷି କିକ୍ରେଟ ଟୁର୍ଣ୍ଣାମେଂଟ ଆଜି ଉଦ୍‌ଯାପିତ ହୋଇଛି । ୮ତାରିଖରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଂଟ ଦୀର୍ଘ ୧୦ ଦିନ ପରେ ଆଜି ଉଦଯାପିତ ହୋଇଥିବା ବେଳେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ । ଆଜି ଫାଇନାଲ ମ୍ୟାଚ ଇଲେଭେନ ଷ୍ଟାର କୋରାଇ ବନାମ ବାଘସାହି, ହରିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କୋରାଇ ପ୍ରଥମେ ଟସ ଜିଣି ବ୍ୟାଂଟି କରିବାର ନିଷ୍ପତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୧୪୦ ରନ କରିଥିଲା । ଜବାବରେ ବାଘସାହି ୧୭ ଓଭରରେ ୯ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ଚଳିତ ବର୍ଷର ଚମ୍ପିଅନ ହୋଇଥିଲା । ବାଘସାହି ପକ୍ଷରୁ ସୁବ୍ରତ ସାହୁ ସର୍ବାଧିକ ୬୦ରନ ଓ କୋରାଇ ପକ୍ଷରୁ ଇମ୍ରାନ ଖାଁ ସର୍ବାଧିକ ୨୫ ରନ ସଂଗ୍ରହ କରିଥିବା ବେଳେ ବାଘସାହିର ଆଶିକ ଖାଁ ୪ଟି ୱିକେଟ ଓ କୋରାଇର ସୋନା ଖାଁ ୪ଟି ୱିକେଟ ଅକ୍ତିଆର କରିଥିଲେ । ଏହି ମ୍ୟାଚକୁ ପ୍ରସନଜିତ୍ ସ୍ୱାଇଁ ଓ ଅବିନାଶ ସାହୁ ପରିଚଳନା କରିଥିବା ବେଳେ ସ୍କୋରର ଭାବେ ସମ୍ପିତ ପ୍ରଧାନ ଓ ସନ୍ତୋଷ ଦାସ ଯୋଗଦାନ କରିଥିଲେ । ଆନନ୍ଦ ଚନ୍ଦ୍ର ରଣା ଧାରାବିବରଣୀ ପ୍ରଦାନ କରିବା ସହ ଉଦଯାପନି ସଭାର ମଂଚ ପରିଚାଳନା କରିଥିଲେ ।ପୁରସ୍କାର ବିତରଣୀ ଉତ୍ସବରେ ଅତିଥିଭାବେ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା, କ୍ରିଡାବିତ୍ କେଶବ ରାଓ ଭୁକ୍ତା, କୋରାଇ ପ୍ରେସ କ୍ଲବ ସଭାପତି ସୁବାସ ଧଳ, ପାଣିକୋଇଲି ସମିତିସଭ୍ୟ ସେକ ଜହର ଅଲ୍ଲୀ ପ୍ରମୁଖ ଯୋଗଦେଇ ମ୍ୟାନ ଅଫଦି ମ୍ୟାଚ ସୁବ୍ରତ ସାହୁ, ମ୍ୟାନ ଅଫ ଦି ସିରିଜ ସୋନା ଖାଁ, ରନସଅପ କୋରାଇ ଓ ଚମ୍ପିଅନ ବାଘସାହିକୁ ପୁରସ୍କୃତ କରିଥିଲେ । କ୍ରିକେଟ କ୍ଲବର ସଭାପତି ଉମେଶ ସ୍ୱାଇଁ, ସମ୍ପାଦକ ଜଗନ୍ନାଥ ବିଶ୍ୱାଳ, ଅଭିମନ୍ୟୁ ପରିଡା, ବିଶ୍ୱଜିତ ସ୍ୱାଇଁ, ରୁଦ୍ର ନାରାୟଣ ଦାସଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ରାଜପଥରେ ବାଇକ ଦୁର୍ଘଟଣା, ଚାଳକ ଗୁରୁତର

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଥାନାର ଅନତୀଦୂର କାଜିପାଟଣା ଗ୍ରାମ ନିକଟରେ ସୋମବାର ରାତ୍ରୀ ବେଳେ ବନ୍ଧ ରାଜପଥରେ ଏକ ବାଇକ ଅରୋହୀ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହେବାରୁ ଚାଳକ ଗୁରୁତର ଆହତ ହୋଇଛି । ଘଟଣାସ୍ଥଳେ ଆମେ ବିପଦର ସାଥି ପହଂଚି ପୁଲିସକୁ ଖବର ଦେବା ସହ ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ଥାନାଧିକାରୀ ଅଜୟ କୁମାର ଜେନା ଥାନା ଗାଡିରେ ତାକୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି । ପ୍ରକାଶଯେ ଯାଜପୁର ସଦର ଥାନା ଅନ୍ତର୍ଗତ ମାଳଆନ୍ଦପୁର ନିକଟସ୍ଥ ଟିପରା ଗୋପନଗର ଗ୍ରାମର ମହେଶ୍ୱର ସାହୁଙ୍କ ପୁଅ ଅଜୟ ଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ କାଜିପାଟଣା ନିକଟରେ ଭାରସାମ୍ୟ ହରାଇ ଡିଭାଇଡରରେ ପିଟିହୋଇ ରାସ୍ତା ମଝିରେ ଗୁରୁତର ଆହତ ହୋଇ ପଡିଥିଲେ । ଆମେ ବିପଦର ସାଥି ସଦସ୍ୟ ଖବର ପାଇ ତୁରନ୍ତ ଘଟଣାସ୍ଥଳେ ପହଂଚି ତାକୁ ଉଦ୍ଧାର କରିବା ସହ ପୁଲିସ ସହାୟତାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ପୁଲିସ ଦୁର୍ଘଟଣାଗସ୍ତ ବାଇକଟିକୁ ଜବତ କରିଛି ।

# ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ନିମନ୍ତେ ଦ୍ରବ୍ୟ, ସେବା ଟିକସ (ଜି.ଏସ.ଟି) ଉପରେ ତାଲିମ୍

ଗଂଜାମ, (ପିଏନ)- ଗଂଜାମ ଜିଲ୍ଲା ଟ୍ରେଜେରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସଚେତନତା କର୍ମଶାଳା ଜିଲ୍ଲା ଟ୍ରେଜେରୀ ଅଧିକାରୀ ଭାଗ୍ୟଧର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଯେଉଁ ଅଧିକାରୀମାନେ ଜି.ଏସ.ଟି ରେଜିଷ୍ଟ୍ରେସନ କରାଇ ନାହାନ୍ତି ସେମାନେ ତୁରନ୍ତ ରେଜିଷ୍ଟ୍ରେସନ କରାଇ ନେବାକୁ ଜିଲ୍ଲା ଟ୍ରେଜେରୀ ଅଧିକାରୀ ପରାମର୍ଶ ଦେଇଥିଲେ ।

ଜି.ଏସ.ଟି ରେଜିଷ୍ଟ୍ରେସନ ବାଧ୍ୟତାମୂଳକ ବୋଲି ପ୍ରକାଶ କରିଥିଲେ । ରେଜିଷ୍ଟ୍ରେସନ କରିବାପାଇଁ ସମ୍ପୃକ୍ତ ଅଧିକାରୀଙ୍କର ପାସପୋର୍ଟ ସାଇଜ୍ ଫଟୋ, ଫୋନ୍ ନମ୍ବର, ଟ୍ୟାନ୍ ନମ୍ବର, ପାନ୍ ନମ୍ବର ଏବଂ ଇ-ମେଲ୍ ଆଇ.ଡ଼ି ଦେଇ ଦୁଇ ଦିନ ମଧରେ ରେଜିଷ୍ଟ୍ରେସନ କରାଇ ନେବାକୁ ପରାମର୍ଶ ଦେଇଥିଲେ । ୨.୫ ଲକ୍ଷ ବା ତଦୁର୍ଦ୍ଧ ମୂଲ୍ୟର ଜିନିଷ କ୍ରୟ କଲେ ତା ଉପରେ ଶତକଡ଼ା ୧୮ ଭାଗ ଜି.ଏସ.ଟି ଦେଇ ଦ୍ରବ୍ୟ କ୍ରୟ କରାଯିବ ଏବଂ ତା ପରେ ଶତକଡ଼ା ୨ ଭାଗ ଟି.ଡି.ଏସ ଅର୍ଥାତ୍ ଶତକଡ଼ା ୧ ଭାଗ ରାଜ୍ୟ ଦ୍ରବ୍ୟ କ୍ରୟ କରାଯିବ ଏବଂ ତା ପରେ ଶତକଡ଼ା ୨ ଭାଗ ଟି.ଡି.ଏସ ଅର୍ଥାତ୍ ଶତକଡ଼ା ୧ ଭାଗ ରାଜ୍ୟ ଦ୍ରବ୍ୟ ସେବା କର (ଏସ.ଜି.ଏସ.ଟି) ଓ ଶତକଡ଼ା ୧ ଭାଗ କେନ୍ଦ୍ରୀୟ ଦ୍ରବ୍ୟ ସେବା କର (ସି.ଜି.ଏସ.ଟି) ବାବଦରେ କାଟି ସରକାରଙ୍କ ନିକଟରେ ଦାଖଲ କରିବେ । ଜୁଲାଇ ୧ ତାରିଖ ୨୦୧୭ ରୁ ଏହି ଦ୍ରବ୍ୟ ସେବା କର ଲାଗୁ କରଯାଇଥିଲେ ମଧ ଅକ୍ଟୋବର ୧ ତାରିଖ ୨୦୧୮ ରୁ ଦ୍ରବ୍ୟ ସେବା କର (ଜି.ଏସ.ଟି) କାଟିବା ପାଇଁ ସରକାରୀ ନିର୍ଦ୍ଦେଶନାମା ରହିଛି ବୋଲି ପ୍ରକାଶ କରିଥିଲେ । ଜି.ଏସ.ଟି ରେଜିଷ୍ଟ୍ରେସନ ଏବଂ ଜି.ଏସ.ଟି ଓ ଟି.ଡି.ଏସ କାଟି ସରକାରଙ୍କ ପାଖରେ କିପରି ଜମା କରାଯାଇପାରିବ ତା ଉପରେ କର୍ମଚାରୀ ମାନଙ୍କୁ କମର୍ସିଆଲ ଟ୍ୟାକ୍ସ ତଥା ଜି.ଏସ.ଟି ଅଧିକାରୀ ସଂଜୟ କୁମାର ଦାସ, ଜି.ଏସ.ଯି ଅଧିକାରୀ ସୁଶାନ୍ତ କୁମାର ଭଟ୍ଟ ଏବଂ ଜି.ଏସ.ଟି ଅଧିକାରୀ ଶାସ୍ୱତ ରଂଜନ ରାୟ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ପ୍ରାଂଜଳ ଭାବରେ ବୁଝାଇଥିଲେ । ସେମାନଙ୍କୁ ଏଥିରେ ଇଂ. ଅଶୋକ କୁମାର ସେନାପତି, ଟ୍ରେଜେରୀର ମୁଖ୍ୟ ଆକାଉଂଟାଂଟ ଦିଲ୍ଲିପ କୁମାର ମିଶ୍ର, ମାଷ୍ଟର ଟ୍ରେନର ଜିତେନ୍ଦ୍ର କୁମାର ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଏହି କର୍ମଶାଳାରେ ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଲ୍ କ୍ଲର୍କମାନେ ଯୋଗ ଦେଇଥିଲେ ।

# ଦରମା ନମିଳିବାରୁ ପଥପ୍ରାନ୍ତ ସୁବିଧା କେନ୍ଦ୍ର ବନ୍ଦ, ଯାତ୍ରୀ ହନ୍ତସନ୍ତ

କୋରେଇ, (ପିଏନ)- ବହୁ ଦୁରଦୁରାନ୍ତ ଯାତ୍ରା କରୁଥିବା ଯାତ୍ରୀ ମାନଙ୍କ ପାଇଁ ସୁବିଧାରେ କିପରି ସେବା ମିଳିପାରି ସେଥି ନିମନ୍ତେ ରାଜ୍ୟ ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ୪୩ଟି ପଥପ୍ରାନ୍ତ ସୁବିଧା କେନ୍ଦ୍ର ଖୋଲିଛନ୍ତି । ଯାତ୍ରୀ ମାନେ ଏଠାରେ ରହି ଫ୍ରେସ ହୋଇ ପୁଣି ନିଜ ଗନ୍ତବ୍ୟ ସ୍ଥଳକୁ ଫେରି ଯାଇଥାନ୍ତି । ଏହି କ୍ରମରେ ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଠାରେ ୧୬ ନମ୍ବର ଜାତୀୟ ରାଜପଥ କଡରେ ଗୋଟିଏ ପଥପ୍ରାନ୍ତ ସୁବିଧା କେନ୍ଦ୍ର ଖୋଲାଯାଇ ଅଛି । କିନ୍ତୁ ୪ ମାସ ହେବ କର୍ମଚାରୀ ମାନେ ଦରମା ପାଇ ନଥିବାରୁ ଶେଷରେ ଆଜି ବାଧ୍ୟ ହୋଇ ଫାଟକରେ ତାଲା ମାରି ସେବା ବନ୍ଦ କରିଛନ୍ତି । ସଠିପୁର ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ମୋଟ ୧୩ଜଣ କର୍ମଚାରୀ କାର୍ଯ୍ୟ କରିବା ସହ ଜନସାଧରଣ ଓ ପଥଚାରୀଙ୍କୁ ସେବା ଯୋଗାଇଥାନ୍ତି । ମାତ୍ର ସେମାନେ ଆଜକୁ ୪ ମାସ ହେବ ଦରମା ପାଇବାରୁ ବଂଚିତ ହୋଇଛନ୍ତି । ନାମକୁ ମାତ୍ର ୫/୬ହଜାର ଦରମା ତାହା ପୁଣି ୪ ମାସ ହେବ ବନ୍ଦ ହେବାରୁ ଘରେ ଚୁଲି ଜଳିବା ଠପ ହେବାକୁ ବସିଲାଣି । ଏ ସମ୍ପର୍କରେ ସ୍ଥନୀୟ ଜନ ପ୍ରତିନିଧି ସମେତ ବିଭାଗୀୟ ଅଧିକାରୀ ଓ ଠିକା ନେଇଥିବା ସଂସ୍ଥା ପିଏସଆଇପିଏଲ ଅଧିକାରୀଙ୍କୁ କହିବାରୁ କେହି କର୍ଣ୍ଣପାତ କରୁ ନାହାନ୍ତି । ସରକାରଙ୍କ ପକ୍ଷରୁ ଠିକା ସଂସ୍ଥାକୁ ୬ ମାସ ହେବ ନିର୍ଦ୍ଧାରିତ ଦେୟ ଅର୍ଥ ବନ୍ଦ ହୋଇଥିବାରୁ ଠିକାସଂସ୍ଥା କର୍ମଚାରୀ ମାନଙ୍କୁ ଦରମା ଦେଇ ପାରୁ ନଥିବାର ସଫେଇ ଦେଇଛନ୍ତି । ପୂର୍ବରୁ ୧ ତାରିଖରେ ଦରମା ମିଳୁଥିବା ବେଳେ ଚିତ ବର୍ଷ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ପୂର୍ବରୁ ଦରମା ନେଇ ବନ୍ଦ କରାଯାଇଥିବାରୁ ନଭେମ୍ବର ୨୦ରୁ ୨୫ ମଧ୍ୟରେ ଦରମା ଯୋଗାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । କିନ୍ତୁ ଅବଧି ଦରମା ମିଳିନି କି ସନ୍ତୋଷ ଜନକ ଉତର ବି ମିଳୁନି । ଅନିଶ୍ଚିନ୍ତତା ମଧ୍ୟରେ ଏବେ କର୍ମଚାରୀଙ୍କ ଭାଗ୍ୟ । ଫଳରେ ରାଜ୍ୟର ସମସ୍ତ ୪୩ଟି ସୁବିଧାକେନ୍ଦ୍ରରେ ଆଜି ତାଲା ପଡିଛି । କର୍ମଚାରୀ ସହଦେବ ଦାସ, ପ୍ରତାପ ମାଝୀ, ରାକେଶ ସ୍ୱାଇଁ, କୁଳମଣୀ ବେହେରା ପ୍ରମୁଖ ଆଜି ମୁଖ୍ୟ ଫାଟକ ବନ୍ଦ କରି ବାହାରେ ଛିଡା ହୋଇଥିବା ଦେଖିବାକୁ ମିଳିଥିଲା । ଦରମା ନମିଳିବା ପର୍ଯ୍ୟନ୍ତ ଏହା ବନ୍ଦ ରହିବ ବୋଲି କର୍ମଚାରୀ ମାନେ କହିଛନ୍ତି ।

# ବାଲେଶ୍ୱରରେ ହତ୍ୟା କରିବାପରେ ବାରିପଦାରେ ଆତ୍ମସମର୍ପଣ କଲା ଅଭିଯୁକ୍ତ ମହିଳା

ବାରିପଦା, (ପିଏନ)- ମୋର ଜୀବନକୁ ନର୍କ କରି ଦେଲା । ଜୀବନକୁ ଛାରଖାର ଓ ନଷ୍ଟ କରିଦେଲା । ଯାହା ଉପରେ ଭରସା କରି ବାପା, ମା' ଓ ପରିବାରକୁ ଛାଡ଼ି ଘରୁ ବାହାରକୁ ପାଦ କାଢ଼ି ବାହାରି ଆସିଥିଲେ ଶେଷରେ ସେ ବିଶ୍ୱାସଘାତକତା କରି ଠକେଇ ଦେଲା । ତାକୁ କଟୁରୀରେ ହାଣି ହତ୍ୟା କରିଛି ବୋଲି ନିଜେ କରିଥିବା ଅପରାଧକୁ ସ୍ୱିକାର କରି ଥାନାରେ ଆତ୍ମସମର୍ପଣ କରିବା ଭଳି ଏକ ଦୁଃଖଦାୟକ, ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବାରିପଦା ସଦର ଥାନାରେ ।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ମୟୂରଭଞ୍ଜ ଜିଲ୍ଲା ଶାମାଖୁଂଟା ବ୍ଲକ ଅଧୀନସ୍ତ ଶିରିଶବଣି ଗ୍ରାମର ସୀତା ହେମ୍ବ୍ରମ ଉକ୍ତ ଗ୍ରାମର ବଡ଼ ମାର୍ଣ୍ଡିଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା ଏବଂ ଶେଷରେ ସୀତା ୧୨ ବର୍ଷ ବୟସରେ ବଡ଼ ମାର୍ଣ୍ଡିଙ୍କ ସହ ଘରୁ ପଳାଇଆସି ବାଲେଶ୍ୱର ସହଦେବଖୁଂଟା ଥାନା ଅନ୍ତର୍ଗତ ଗୁଡ଼ିପଦାରେ ରହିଆସୁଥିଲା । ଏଥି ସହିତ ୧୪ ବର୍ଷ ବୟସରେ ବଡ଼ ମାର୍ଣ୍ଡି ଓ ସୀତା ହେମ୍ବ୍ରମଙ୍କ ଔରଷରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲା । କିନ୍ତୁ ବଡ଼ ସୀତାକୁ ନିଜର ସ୍ତ୍ରୀ ଭାବେ ଓ ସୀତାଠାରୁ ଜନ୍ମ ନେଇଥିବା ପିଲାକୁ ପୁଅ ଭାବେ ସ୍ୱୀକୃତି ଦେବାକୁ ପ୍ରସ୍ତୁତ ନଥିଲା । ଅନ୍ୟତ୍ର ବିବାହ କରି ସୀତା ଓ ତାର ପୁଅକୁ ଅବହେଳା କରିଆସୁଥିଲା । ପରସ୍ପର ମଧ୍ୟରେ ସଦାସର୍ବଦା କଳହ ଲାଗି ରହିଥିଲା । ମଝିରେ ମଝିରେ ସୀତାକୁ ଛାଡ଼ି ଦେଇ ପୁଣି ତାକୁ ପାଖରେ ରଖିଆସୁଥିଲା ବଡ଼ ମାର୍ଣ୍ଡି । କେବଳ ଏତିକି ନୁହେଁ ବଡ଼ ସୀତାକୁ ମଧ୍ୟ ମାରଧର କରୁଥିଲା । ଏହି ସମୟରେ ଗତ ୪ ଦିନ ଧରି ଉଭୟଙ୍କ ମଧ୍ୟରେ କଳହ ଚରମ ସୀମାକୁ ଛୁଇଁ ଯାଇଥିଲା । ଫଳରେ ସହ୍ୟ କରିବାର ସମସ୍ତ ସୀମା ପାର ହୋଇଯାଇଥିବାରୁ ଡ଼ିସେମ୍ବର ୧୭ ଭୋର ପ୍ରାୟ ସାଢ଼େ ୪ଟା ସମୟରେ ସୀତା ଏକ କଟୁରୀରେ ବଡ଼କୁ ହତ୍ୟା କରି ସାରିବା ପରେ ବାଲେଶ୍ୱର ଷ୍ଟେସନରେ ପହଁଚିଥିଲା । ସେଠାରୁ ଟ୍ରେନରେ ରୁପସା ଓ ରୁପସାରୁ ବାରିପଦା ଷ୍ଟେସନରେ ଓହ୍ଲାଇ ଚାଲିଚାଲି ବାରିପଦା ସଦର ଥାନାରେ ଡ଼ିସେମ୍ବର ୧୮ ପୂର୍ବାହ୍ନ ପ୍ରାୟ ସାଢ଼େ ୯ ସମୟରେ ପହଁଚି ନିଜର ଅପରାଧ ସ୍ୱିକାର କରିବା ସହ ଆତ୍ମସମର୍ପଣ କରିଥିଲା । ଏହାପରେ ବାରିପଦା ସଦର ଥାନା ଅଧିକାରୀ ସୀତାକୁ ଥାନାରେ ଅଟକ ରଖି ସହଦେବଖୁଂଟା ଥାନାକୁ ଖବର ଦେଇଥିଲେ ଓ ବାଲେଶ୍ୱର ସହଦେବଖୁଂଟା ଥାନା ପୁଲିସ ପହଁଚି ସୀତାକୁ ଥାନାକୁ ନେଇ ଆସିଥିଲେ ।

# ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତା ୩ୟ ଦିନରେ ଖେଳାଗଲା ୪ଟି ହକି ମ୍ୟାଚ୍

ଭୁବନେଶ୍ୱର, (ପିଏନ)- ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆରମ୍ଭ ହୋଇଥିବା ୬୮ତମ ସର୍ବଭାରତୀୟ ପୋଲିସ ହକି ପ୍ରତିଯୋଗିତାର ଆଜି ୩ୟ ଦିନରେ ୪ଟି ମ୍ୟାଚ୍ ଖେଳାଯାଇଅଛି । ପ୍ରଥମ ମ୍ୟାଚ ସକାଳ ୯ ଘଟିକା ସମୟରେ ମହାରାଷ୍ଟ୍ର ପୋଲିସ ଓ ଉତରାଖଣ୍ଡ ପୋଲିସ ମଧରେ ଅନୁଷ୍ଠିତ ହୋଇଥିଲା । ପ୍ରବଳ ପ୍ରତିଯୋଗିତାପୂର୍ଣ୍ଣ ଏହି ମ୍ୟାଚରେ ମହାରାଷ୍ଟ୍ର ପୋଲିସ ଉତରାଖଣ୍ଡ ପୋଲିସ ଦଳକୁ ୨-୧ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟ ହୋଇଛନ୍ତି ।

ଦ୍ୱିତୀୟ ମ୍ୟାଚ ଆଇ.ଟି.ବି.ପି. ଜଲନ୍ଧର ଓ ମଣିପୁର ପୋଲିସ ମଧରେ ଦିନ ୧୧ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚ କଡ଼ା ସଂଘର୍ଷପୂର୍ଣ୍ଣ ଥିଲା । ଉଭୟ ଦଳ ପରସ୍ପର ଉପରେ ଆକ୍ରମଣ ଓ ପ୍ରତି ଆକ୍ରମଣ କରି ଖେଳିଥିଲେ ଏବଂ ଶେଷରେ ଆଇ.ଟି.ବି.ପି ଜଳନ୍ଧର ମଣିପୁର ପୋଲିସକୁ ୫-୩ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟ ହାସଲ କରିଥିଲା ।

ଦିବସର ତୃତୀୟ ମ୍ୟାଚ ଦିନ ୧ ଘଟିକା ସମୟରେ ଜାମ୍ମୁ କାଶ୍ମୀର ପୋଲିସ ଦଳ ଓ ଛତିଶଗଡ଼ ପୋଲିସ ମଧରେ ଅନୁଷ୍ଠିତ ହୋଇଥିଲା । ଏହି ଏକ ତରଫା ମ୍ୟାଚରେ ଜାମ୍ମୁ କାଶ୍ମୀର ପୋଲିସ ଦଳ ଖୁବ୍ ପ୍ରଭାବ ବିସ୍ତାର କରି ଖେଳିଥିଲା ଏବଂ ମ୍ୟାଚକୁ ୭-୦ ଗୋଲ ବ୍ୟବଧାନରେ ନିଜ ସପକ୍ଷକୁ ନେଇଥିଲା ।

ପ୍ରତିଯୋଗିତାର ୪ର୍ଥ ତଥା ଶେଷ ମ୍ୟାଚ୍ ସି.ଆଇ.ଏସ୍,ଏଫ ଦିଲ୍ଲୀ ଓ ଗୁଜୁରାଟ ପୋଲିସ ଦଳ ମଧରେ ଖେଳାଯାଇଥିଲା । ଏହି ମ୍ୟାଚକୁ ସମ୍ପୂର୍ଣ୍ଣ ଭାବେ ସି.ଆଇ.ଏସ.ଏଫ ଦିଲ୍ଲୀ ଦଳ ନିଜ କବଜାରେ ରଖବବା ସହ ଖେଳକୁ ୧୧-୦ ଗୋଲ ବ୍ୟବଧାନରେ ଗୁଜୁରାଟ ପୋଲିସକୁ ପରାସ୍ତ କରିଥିଲା ।ଦିଗ୍‌ବିଜୟ ନାୟକ ଆଜି ସମସ୍ତ ଖେଳର ନିର୍ଦ୍ଦେଶକ ଦାୟିତ୍ୱ ନିର୍ବାହ କରିଥିଲେ । ଆସନ୍ତା କାଲି ୫ଟି ମହତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ । ପ୍ରଥମ ମ୍ୟାଚ୍ ୭ ଘଟିକା ସମୟରେ ଓଡ଼ିଶା ପୋଲିସ ଓ ତେଲେଙ୍ଗାନା ପୋଲିସ ମଧରେ ଖେଳାଯିବ । ଓଡ଼ିଶା ପୋଲିସ ଆସନ୍ତା କାଲି ତାର ପ୍ରଥମ ମ୍ୟାଚ୍ ଖେଳିବ ।

# କାହ୍ନୁ ଚରଣ ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା ଉଦ୍‌ଯାପନୀ ଉତ୍ସବ

କୋରେଇ, (ପିଏନ)- କୋରାଇସ୍ଥିତ କାହ୍ନୁ ଚରଣ ମହାବିଦ୍ୟାଳୟରେ ଚାଲୁଥିବା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯାଜପୁର ଏସପି ଚରଣ ସିଂହ ମୀନା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆଗେଇ ନେଇଥିବା ବେଳେ ଆତ୍ମ ସୁରକ୍ଷା ଦିଗରେ କିଭଳି କାର୍ଯ୍ୟକ୍ରମ ଓ କାର୍ଯ୍ୟାନୁଷ୍ଠାନ କରାଯିବ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ । +୩ ଅଧ୍ୟକ୍ଷ ଡଃ ମୋହନ ଚରଣ ଖୁଂଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ସନ୍ୟାସୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଛାତ୍ର ସଂଗ୍ରାମ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରାଯାଇଥିଲା । ସଂଯୋଜକ ମନ୍ମଥ କୁମାର ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରିଥା ବେଳେ ସମ୍ମାନୀତ ଅତିଥିଭାବେ +୨ ଅଧ୍ୟକ୍ଷ ସ୍ମୃତି ରଂଜନ ରାୟ ବକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଇଂରାଜି ଅଧ୍ୟାପିକା ସରିତା ପୃଷ୍ଟି ସଂଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।




Bhubaneswar Friday December 20 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୨୦ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଟାଟା ଷ୍ଟିଲ୍ କୋଲ୍‌କତା ୨୫କେରେ ଭାଗ ନେଇ ଭାରତ ପାଇଁ ଗୌରବ ହାସଲ କଲେ ଶ୍ରୀନୁ ଓ କିରଣଜିତ



ଭୁବନେଶ୍ୱର (ପିଏନ): କେନିଆର ଲିଓନାଡ୍ ବାର୍ସୋଟନ୍ ଏବଂ ଇଥୋପିଆର ଗୁଟେନି ସୋନ୍ ଟାଟା ଷ୍ଟିଲ୍ କୋଲ୍‌କତା ୨୫କେର ୧୫,୪୪୫ କି.ମି ଦୌଡ଼ରେ ଭାଗନେଇ ଏକ ନୂତନ ଇତିହାସ ରଚନା କରିଛନ୍ତି। ଏହାବ୍ୟତିତ ଶ୍ରୀନୁ ବୁଗଥା ୧ଘଣ୍ଟା ୧୮ ମିନିଟ୍ ୩୧ ସେକେଣ୍ଡ ଓ କିରଣଜିତ କୌର ୧ ଘଣ୍ଟା ୩୮ ମିନିଟ୍ ୫୬ସେକେଣ୍ଡରେ ଏହି ଦୌଡ଼ ପୂରା କରି ଭାରତ ପାଇଁ ଗୌରବ ହାସଲ କରିଥିଲେ।

ଏହି ଅବସରରେ ଶ୍ରୀନୁ ବୁଗଥା କହିଛନ୍ତି ଯେ, "ଏହା ପୂର୍ବରୁ ତିନି ଥର ଚେଷ୍ଟାରେ ମୁଁ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ଚଳିତ ବର୍ଷ ଚେଷ୍ଟା ଦ୍ୱାରା ପ୍ରଥମ ସ୍ଥାନ ଅଧିକାର କରିଛି। ମୁଁ ଟାଟା ମୁମ୍ବାଇ ମାରାଥନ୍ ପାଇଁ ଯୋଜନା କରିଛି ତେଣୁ ଏହି ଦୌଡ଼ ମୋତେ ବହୁତ ଲାଭ ପ୍ରଦାନ କରିବ। ମୁମ୍ବାଇ ମାରାଥନ୍ ପରେ ମାର୍ଚ୍ଚ ମାସରେ ହେବାକୁ ଥିବା ବାର୍ସିଲୋନିଆର ମାରାଥନ୍‌ରେ ଯୋଗ ଦେବାର ଆଶା ରଖିଛି।"

ଏହି ଅବସରରେ କିରଣଜିତ କୋର କହିଛନ୍ତି ଯେ, "ଏହି ଦୌଡ଼ ମୋ ପାଇଁ ଚିରସ୍ମରଣୀୟ ମୁହୂର୍ତ୍ତ ଥିଲା। ଏହାଦ୍ୱାରା ମୋର ଆତ୍ମବିଶ୍ୱସ ବୃଦ୍ଧି ହେବା ସହ ଆଗକୁ ଅଧିକ ଦୂର ପର୍ଯ୍ୟନ୍ତ ଦୌଡ଼ିବାର ସାହାସ ମିଳିଛି।"

## ଭୁବନେଶ୍ୱରରେ ସପର୍ସ ଷ୍ଟପ୍ ପ୍ରଥମ ଷ୍ଟୋରର ଶୁଭାରମ୍ଭ

ଭୁବନେଶ୍ୱର, (ପିଏନ) : ଭାରତର ଅଗ୍ରଣୀ ଫେସନ୍ ଓ ବ୍ୟୁଟି ସ୍ଥାନ, ସପର୍ସ ଷ୍ଟପ୍ ବର୍ତମାନ ଭୁବନେଶ୍ୱରରେ ଶୁଭାରମ୍ଭ ହୋଇଛି। ଉତ୍କଳ ଗାଲେରିଆ ମଲ୍‌ରେ ଏହାର ପ୍ରଥମ ଷ୍ଟୋର ର ଶୁଭାରମ୍ଭ ସହିତ ସପର୍ସ ଷ୍ଟପ୍ ଏହାର ରିଟେଲ୍ ଫୁଟପ୍ରିଂଟକୁ ସଂପ୍ରାସରିତ କରିଛି। ଭୁବନେଶ୍ୱର, ପୁନେ ଓ ଲକ୍‌ନୌରେ ଏହାର ଷ୍ଟୋରର ଶୁଭାରମ୍ଭ ସହିତ ସାରା ଦେଶରେ ୪୧ଟି ସହରରେ ଏହାର ଷ୍ଟୋର ରହିଛି ଓ ୮୯ତମ ଷ୍ଟୋରର ଯୋଗ କରାଯାଇଛି। ଏହା ସହିତ, ଏହି ରିଟେଲ୍ ବ୍ରାଣ୍ଡ ୨ଟି ଷ୍ଟାଣ୍ଡାଲୋନ୍ ବ୍ୟୁଟି ଷ୍ଟୋର – ମ୍ୟାକ୍ ଭୁବନେଶ୍ୱର ଓ ମ୍ୟାକ୍ ଭେଗାସ୍ ଦ୍ୱାରକା, ଦିଲ୍ଲୀ ଠାରେ ଶୁଭାରମ୍ଭ କରାଯାଇଛି। ଏହି ନୂତନ ଷ୍ଟୋରର ଶୁଭାରମ୍ଭ ସମ୍ପର୍କରେ ସୂଚନା ଦେଇ ଶ୍ରୀ ରାଜିବ୍ ସୁରୀ, କଷ୍ଟମର୍ କେୟାର ଆସୋସିଏଟ୍, ଏମ୍‌ଡି ଓ ସିଇଓ, ସପର୍ସ ଷ୍ଟପ୍ ଲିମିଟେଡ୍ କହିଛନ୍ତି ଯେ, "ସପର୍ସ ଷ୍ଟପ୍ ହେଉଛି ଲକ୍‌ଜୁରି ବ୍ରାଣ୍ଡ ପାଇଁ ଏକ ବ୍ରିଜ୍ ଯାହା ସର୍ବଦା ଆନନ୍ଦଦାୟକ ଗ୍ରାହକ ଅନୁଭୂତି ପ୍ରଦାନ କରିଥାଏ।

# ଜାତୀୟ ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନସିପ୍‌ର ତୃତୀୟ ଦିନରେ ନିରାଶ କଲେ ଟପ ସିଡେଡ୍ ସଟଲର୍

## ତୃତୀୟ ସିଡ୍ ମାନ୍ୟା ଅଭ୍‌ଲାନୀଙ୍କୁ ହରାଇଲେ ଅଶିତା



ଭୁବନେଶ୍ୱର: କର୍ଣ୍ଣାଟକ ଝିଅ ଅଶିତା ସିଂ ଆଜି ଭୁବନେଶ୍ୱର ଶହିଦ୍‌ନଗର ଇଣ୍ଡୋର ହଲ୍‌ଠାରେ ଚାଲିଥିବା ୟୋନେକ୍ସ-ସନ୍‌ରାଇଜ ୩୩ତମ ଜାତୀୟ ଉପ କନିଷ୍ଠ ବ୍ୟାଡମିଣ୍ଟନ ପ୍ରତିଯୋଗୀତା ୨୦୧୯ର ମୁକାବିଲାରେ ବଡ଼ ସଫଳତା ହାସଲ କରିଛନ୍ତି । ସେ ନିଜର ୧୫ ବର୍ଷରୁ କମ୍ ସିଙ୍ଗଲ୍ସରେ ମହାରାଷ୍ଟ୍ରର ତୃତୀୟ ସିଡ୍ ମାନ୍ୟା ଅଭ୍‌ଲାନୀଙ୍କୁ ୨୧-୧୮, ୨୧-୧୯ରେ ପରାସ୍ତ କରିଛନ୍ତି ।

କିନ୍ତୁ ଅଗ୍ରଣୀ ସିଡ୍ ଓ ଏସିଆନ ଜନିୟର ରନରଅପ୍ ତାରା ଶାହ(ମହାରାଷ୍ଟ୍ର), ଦ୍ୱିତୀୟ ସିଡ୍ ଅନୁପମା ଉପାଧ୍ୟାୟ(ହରିୟାଣା) ଏବଂ ଚତୁର୍ଥ ସିଡ୍ ରାଧିକା ଶର୍ମା (ପଞ୍ଜାବ) ପ୍ରାକ୍ କ୍ୱାଟରଫାଇନାଲରେ ଅଶିତାଙ୍କ ସହ ଯୋଗଦେବା ପାଇଁ ସିଧାସଳଖ ବିଜୟ ହାସଲ କରିଛନ୍ତି ।

ଇତିମଧ୍ୟରେ ୧୫ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଅଗ୍ରଣୀ ସିଡ୍ ରାଘବ (ହରିୟାଣା) ବିନା କୌଣସି ପରିଶ୍ରମରେ କ୍ୱାଟର୍‌ଫାଇନାଲ୍‌ରେ ନିଜର ସ୍ଥାନ ସଂରକ୍ଷିତ କରିଛନ୍ତି । କାରଣ ସେ ପୂର୍ବତଟ ରେଳବାଇ ଇଣ୍ଡୋର୍ ଷ୍ଟାଡିୟମ ଠାରେ ୟୋହେନ୍‌ବା ସିଂ ଏନ(ଆସାମ)ଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି ।

ଓଡ଼ିଶା ଦ୍ୱାରା ପ୍ରଥମଥର ପାଇଁ ଆୟୋଜିତ ଏହି ପ୍ରତିଯୋଗୀତାର ତୃତୀୟ ଦିନରେ ୧୫ ବର୍ଷରୁ କମ୍ ବାଳିକା ଡବଲ୍ସ ଇଭେଣ୍ଟରେ କ୍ୱାଟରଫାଇନାଲ୍ ପାଇଁ ଦୁଇଟି ଯୋଡ଼ି ଚୟନୀତ ହୋଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଅଗ୍ରଣୀ ସିଡ୍ କେରଳ ଯୋଡ଼ି ଆଣ୍ଡ୍ରିଆ ଶାରହା କୁରିଏନ, ପବିଥ୍ରା ନବୀନ ଏବଂ ଦ୍ୱିତୀୟ ସିଡ୍ କର୍ଣ୍ଣାଟକ ଯୋଡ଼ି ଗାୟତ୍ରୀ ରାନୀ ଜୈଶ୍ୱାଲ ଏବଂ କର୍ଣ୍ଣିକା ଶ୍ରୀ ଏସ୍ ।

ଫଳାଫଳ : ୧୫ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ: ରାଉଣ୍ଡ ୩୨: ତାରା ଶାହ(ମହାରାଷ୍ଟ୍ର)(୧), ଅଂଶିକା କୁମାୱତ (ରାଜସ୍ଥାନ)ଙ୍କୁ ୨୧-୧୮,୨୧-୧୮ରେ ହରାଇଛନ୍ତି । ଅନୁପମା ଉପାଧ୍ୟାୟ (ହରିୟାଣା)(୨), କାର୍ତ୍ତିକେୟାନୀ ପେରାମ୍ବୁରୀ(ଆନ୍ଧ୍ର ପ୍ରଦେଶ)ଙ୍କୁ ୨୧-୧୧, ୨୧-୧୩ରେ ହରାଇଛନ୍ତି । ରାଧିକା ଶର୍ମା।(ପଞ୍ଜାବ)(୪), ଶ୍ରୁତି ଡିଭି(ତାମିଲନାଡୁ)ଙ୍କୁ ୨୧-୧୦, ୨୧-୧୮ରେ ହରାଇଛନ୍ତି ଏବଂ ଅଶିତା ସିଂ(କର୍ଣ୍ଣାଟକ) ମାନ୍ୟା ଅଭଲାନୀ(ମହାରାଷ୍ଟ୍ର)ଙ୍କୁ (୩)୨୧-୧୮,୨୧-୧୯ରେ ହରାଇଛନ୍ତି ।

୧୫ବର୍ଷରୁ କମ୍ ବାଳିକା ଡବଲ୍ସ: ରାଉଣ୍ଡ ୧୬: ଆଣ୍ଡ୍ରିଆ ଶାରହା କୁରିଏନ-ପଭିଥ୍ରା । ନବୀନ(କେରଳ)(୧), ମୁସ୍କାନ ଚାଟର୍ଜୀ-ଆହାନା ଧର(ପଶ୍ଚିମବଙ୍ଗ)ଙ୍କୁ ୨୧-୧୦, ୨୧-୮ରେ ହରାଇଛନ୍ତି । ଗାୟତ୍ରୀ ରାନୀ ଜୈଶୱାଲ-କର୍ଣ୍ଣିକା ଶ୍ରୀ ଏସ(କର୍ଣ୍ଣାଟକ)(୨)ରଶ୍ମିଥା, ଦୋନେପୁଦୀ-ନବ୍ୟା । କାନ୍ଦେରୀ(ଆନ୍ଧ୍ରପ୍ରଦେଶ)ଙ୍କୁ ୨୧-୧୯, ୨୧-୧୪ରେ ହରାଇଛନ୍ତି ।

୧୫ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ: ରାଉଣ୍ଡ ୩୨: ରାଘବ(ହରିୟାଣା)(୧) ୟୋହେନ୍‌ବା ସିଂ ଏନ(ଆସାମ)ଙ୍କୁ ପରାସ୍ତ କରିଛନ୍ତି ।

୧୭ ବର୍ଷରୁ କମ୍ ମିକ୍ସଡ ଡବଲ୍ସ : ରାଉଣ୍ଡ ୩୧: ଆୟନ ରସିଦ-ତାସନିମ ମିର(ଆସାମ-ଗୁଜୁରାଟ)(୧), ହରସିତ ଗୁପ୍ତ ଜୁନିୟର-ଜଶମିନ ରାୱତ(ରାଜସ୍ଥାନ-ଛତିଶଗଡ଼)ଙ୍କୁ ୨୧-୧୪, ୨୧-୧୩ରେ ହରାଇଛନ୍ତି ।

# ଫୁଲରଟନ୍ ଇଣ୍ଡିଆ ପକ୍ଷରୁ ପଶୁ ବିକାଶ ଦିବସର ଚତୁର୍ଥ ସଂସ୍କରଣ ଆୟୋଜିତ



ଭୁବନେଶ୍ୱର: ଭାରତର ସର୍ବବୃହତ ଏନ୍‌ବିଏଫ୍‌ସି ଫୁଲରଟନ୍ ଇଣ୍ଡିଆ ପକ୍ଷରୁ ପଶୁ ବିକାଶ ଦିବସ ୨୦୧୯ ଆୟୋଜନ କରାଯାଇଛି। ଦେଶର ଏହି ସର୍ବବୃହତ ପଶୁ ସମ୍ପଦର ଯତ୍ନ କାର୍ଯ୍ୟକ୍ରମର ଏହା ହେଉଛି ଚତୁର୍ଥ ସଂସ୍କରଣ। ଏହା ଜରିଆରେ ଗ୍ରାମାଚଂଳରେ ପଶୁ ସମ୍ପଦ ଓ ସେମାନଙ୍କ ପାଇଁ ରହିଥିବା ମେଡିକାଲ୍ ସହାୟତା ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପଶୁ ବିକାଶ ଦିବସର ଚତୁର୍ଥ ସଂସ୍କରଣରେ ୩୫୦ରୁ ଅଧିକ ସ୍ଥାନରେ ପଶୁ ସମ୍ପଦ ଶିବିର ଆୟୋଜନ କରାଯାଇଛି ଯାହା ୧୪ଟି ରାଜ୍ୟର ୫୦୦ରୁ ଅଧିକ ଗ୍ରାମରେ ପହଂଚିପାରିଥିଲା ଏବଂ ୬୮,୦୦୦ ପଶୁ ଏବଂ ୨୧,୦୦୦ରୁ ଅଧିକ ପଶୁ ସମ୍ପଦ ମାଲିକ ଲାଭବାନ ହୋଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ଇତି ମଧ୍ୟରେ ୨,୦୦,୦୦୦ ପଶୁ ଏବଂ ୫୦,୦୦୦ରୁ ଅଧିକ ପଶୁ ସମ୍ପଦ ମାଲିକ ଲାଭବାନ ହୋଇଛନ୍ତି।

ଏହି ଅଭିଯାନ ବିଷୟରେ ଫୁଲରଟନ୍ ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପରିଚାଳନା ନିର୍ଦ୍ଦେଶିକା ଶ୍ରୀମତୀ ରାଜଶ୍ରୀ ନାମ୍ବିଆର କହିଛନ୍ତି ଯେ, "ଏକ ବ୍ୟବସାୟୀ ସଂସ୍ଥା ଭାବେ ଆମେ ଉପେକ୍ଷୀତ ବର୍ଗଙ୍କ ଆର୍ଥିକ ଆବଶ୍ୟକତା ପାଇଁ ସେବା ଯୋଗାଇ ଦେଉଛୁ ଏବଂ ସେମାନେ ସାମ୍ନା କରୁଥିବା ସମସ୍ୟା ବିଷୟରେ ଜାଣିଛୁ। ତେଣୁ, ଆମର ଅଧିକାଂଶ କାର୍ଯ୍ୟକ୍ରମ ଗ୍ରାମୀଣ ଗୋଷ୍ଠୀର ଜୀବିକାରେ ଉନ୍ନତି, ସେମାନଙ୍କ ଆୟ ସ୍ରୋତ ବଢ଼ାଇବା ଏବଂ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରୁଛି। ଆଭ୍ୟନ୍ତରୀଣ ଅଂଚଳରେ ବସବାସ କରୁଥିବା ଲୋକମାନଙ୍କ ପାଇଁ ପଶୁ ସମ୍ପଦ ବହୁତ ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କ ପ୍ରତି ସଚେତନତା ବଢ଼ାଇବା ଏବଂ ଯତ୍ନ ନେଇ ନିରନ୍ତର ବିକାଶ ହାସଲ କରିବା ନିମନ୍ତେ ପଶୁ ବିକାଶ ଦିବସର ଶୁଭାରମ୍ଭ କରାଯାଇଛି।

ଏ ସମ୍ପର୍କରେ ଫୁଲରଟନ୍ ଇଣ୍ଡିଆର ମହାପ୍ରବନ୍ଧକ ତଥା ମାର୍କେଟିଂ ଆଣ୍ଡ କ୍ରସ୍ ସେଲ୍ ମୁଖ୍ୟ ଶ୍ରୀମତୀ ଶିକ୍ଷା ଦେଶାଇ କହିଛନ୍ତି ଯେ, "୨୦୧୪ରେ ଆମେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲୁ ଏବଂ ଏହାକୁ ହୃଦୟର ସହିତ ଲୋକମାନେ ଗ୍ରହଣ କରିଛନ୍ତି। ପଶୁ ବିକାଶ ଦିବସ ହେଉଛି ଏକ ଦିନିକିଆ ପଶୁ ସମ୍ପଦ ଯତ୍ନ ଶିବିର କାର୍ଯ୍ୟକ୍ରମ ଯାହାକୁ ସର୍ବଭାରତୀୟ ସ୍ତରରେ ବିଭିନ୍ନ ସ୍ଥାନରେ ଆୟୋଜନ କରାଯାଉଛି ଯେଉଁଠିରେ ଆମର କର୍ମଚାରୀମାନେ ଗ୍ରାମୀଣ ସମ୍ପ୍ରଦାୟ ସହ ଯୋଡ଼ି ହୋଇ ଏହାକୁ ସଫଳ କରୁଛନ୍ତି। ଆମର ଉଦ୍ୟମ ଏବଂ ଆମେ ସ୍ଥାନୀୟ ଗୋଷ୍ଠୀ ଠାରୁ ପାଉଥିବା ସମର୍ଥନ ଏହାକୁ ଅନ୍ୟତମ ଭିନ୍ନ ଧରଣର ଅଭିଯାନରେ ପରିଣତ କରିଛି ଯାହା ଜରିଆରେ ଏହା ସମାଜ ସହିତ ସମ୍ପର୍କ ବଢ଼ାଇବାରେ ଆମ ପାଇଁ ଆହୁରି ସହାୟତ ହୋଇପାରିଛି।''

୨୦୧୪ରୁ ପଶୁ ବିକାଶ ଦିବସ ଆୟୋଜନ ଆରମ୍ଭ କରାଯାଇଥିଲା। ଏହା ପରେ ଏହାକୁ ୨୦୧୫ ଓ ୨୦୧୮ରେ ଆୟୋଜନ କରାଯାଇଥିଲା। ଗୋଟିଏ ଦିନରେ ଏତେ ଅଧିକ ପରିମାଣର ପଶୁ ସମ୍ପଦ ଯତ୍ନ ଶିବିର ଆୟୋଜନ କରିଥିବାରୁ ଫୁଲରଟନ୍ ଇଣ୍ଡିଆକୁ ୨୦୧୫ ଲିମକା ବୁକ ଅଫ ରେକର୍ଡସରେ ସ୍ଥାନ ମିଳିଥିଲା। ୨୦୧୮ରେ ଏହି ଅଭିଯାନକୁ ବେଷ୍ଟ ଅଫ ଇଣ୍ଡିଆ ରେକର୍ଡରେ ସ୍ଥାନ ମିଳିଥିଲା।

## ଭିଭୋ ର ଆଗୁଆ ଖ୍ରୀଷ୍ଟମାସ, ସ୍ମାର୍ଟଫୋନ ଉପରେ ଆକର୍ଷଣୀୟ ଅଫର

ଭୁବନେଶ୍ୱର : ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ପକ୍ଷରୁ ଭିଭୋ କାର୍ଣ୍ଣିଭାଲ ର ଘୋଷଣା କରାଯାଇଛି। ଗ୍ରାହକମାନେ ଭିଭୋ ଇଣ୍ଡିଆ ଇ-ଷ୍ଟୋର ରେ ଆକର୍ଷଣୀୟ ରିହାତି ସହିତ ନୋ-କଷ୍ଟ ଇଏମଆଇ ଏବଂ କ୍ୟାଶବ୍ୟାକ ଅଫର ପାଇପାରିବେ। ଆଗକୁ ନୂଆ ବର୍ଷ ଓ ଖ୍ରୀଷ୍ଟମାସ ଆସୁଥିବାରୁ ଗ୍ରାହକମାନେ ସେମାନଙ୍କର ପ୍ରିୟଜନ ମାନଙ୍କୁ ଭିଭୋ ସ୍ମାର୍ଟଫୋନ ଉପହାର ଦେଇପାରିବେ। ସ୍ୱତନ୍ତ୍ର ଅଫର ମାନଙ୍କ ମଧ୍ୟରେ ଭିଭୋ ଜେଡ୧-ପ୍ରୋ ଏବଂ ଜେଡ୧-ଏକ୍ସ ଉପରେ ୧୦୦୦ଟଙ୍କା ଛାଡ ଏବଂ ଭିଭୋ ୟୁ-୧୦ ଉପରେ ୧୦୦୦ଟଙ୍କା ପର୍ଯ୍ୟନ୍ତ ଘୋଷଣା କରାଯାଇଛି।

## ଏବିଏସ୍‌ଏଲଆଇ ୱେଲଥ ୩୬୦ ସଲ୍ୟୁସନ ବୀମା ଶୁଭାରମ୍ଭ

ମୁମ୍ବାଇ , ୧୯/୧୨ : ଆଦିତ୍ୟ ବିର୍ଲା କ୍ୟାପିଟାଲ ଲିମିଟେଡ଼ (ଏବିସିଏଲ)ର ସହଯୋଗୀ ସଂସ୍ଥା ଆଦିତ୍ୟ ବିର୍ଲା ସନ୍ ଲାଇଫ ଇନସ୍ୟୁରାନ୍ସ (ଏବିଏସ୍‌ଏଲଆଇ) ନୂଆ କରି ଏବିଏସ୍‌ଏଲଆଇ ୱେଲଥ ୩୬୦ ସଲ୍ୟୁସନ ନାମରେ ଏକ ସ୍ୱୟଂସଂପୂର୍ଣ୍ଣ ଜୀବନ ବୀମାର ଶୁଭାରମ୍ଭ କରିଛି । ଗ୍ରାହକଙ୍କୁ ଉତ୍କୃଷ୍ଟ ଅର୍ଥ ସୁରକ୍ଷା ବ୍ୟବସ୍ଥା ଯୋଗାଇ ଦେବା ସହ ଉ ମ ଆୟ ପ୍ରଦାନ କରିବା ଏହି ବୀମାର ଲକ୍ଷ୍ୟ ଅଟେ । ଏହାଫଳରେ ଗ୍ରାହକ ନିଜ ପରିବାରର ଭବିଷ୍ୟତ ଆର୍ଥିକ ଆବଶ୍ୟକତାପୂରଣ ଦିଗରେ ଯଥେଷ୍ଟ ପାଣ୍ଠି ରଖିପାରିବ । ଏବିଏସ୍‌ଏଲଆଇ ୱେଲଥ ୩୬୦ ସଲ୍ୟୁସନ ପାରମ୍ପରିକ ଅଣବିନିଯୋଗବ୍ୟବସ୍ଥା ଓ ୟୁନିଟ ସଂଯୋଗୀ ବୀମା ଯୋଜନାର ସମିଶ୍ରଣରେ ପ୍ରସ୍ତୁତ କରାଯାଇଛି । ବଜାର ସଂଯୋଗୀ ବିନିଯୋଗ ଦ୍ୱାରା ଏହା ବୀମାଧାରୀଙ୍କୁ ଉ ମ ଆୟ ପ୍ରଦାନ କରିବା ସହ ମୂଳଧନ ଉପରେ ବିପଦ କମ୍ କରି ଗ୍ୟାରେଂ ଦେଇଥାଏ ।ବଜାର ଉତ୍‌ଥାନରୁ ଏହା ଆୟ କରିବା ସହ ଟିକସମୁକ୍ତ ପାଣ୍ଠି ସୃଷ୍ଟି କରିବାରେ ସହାୟକ ହୋଇଥାଏ ।

# ଏୟାରଟେଲ ଏବଂ ଲାୟନ୍‌ସଗେଟ ମଧ୍ୟରେ ସହବନ୍ଧିତା

ଭୁବନେଶ୍ୱର: ଭାରତର ଗ୍ରାହକମାନଙ୍କ ପାଇଁ ଲାୟନସଗେଟ ପ୍ଲେର ପ୍ରିମିୟମ କଣ୍ଟେଣ୍ଟ ନେଇ ଆସିବା ପାଇଁ ଭାରତର ବୃହତ୍ତମ ଟେଲିକମ୍ୟୁନିକେସନ କମ୍ପାନୀ ଭାରତୀ ଏୟାରଟେଲ(ଏୟାରଟେଲ), ଗ୍ଲୋବାଲ କଣ୍ଟେଣ୍ଟରେ ଅଗ୍ରଣୀ ଲାୟନ୍‌ସଗେଟ(ଏନ୍‌ୱାଇଏସଇ:ଏଲଜିଏଫ.ଏ, ଏଲଜିଏଫ.ବି) ଏବଂ ଷ୍ଟାର୍ଜ ପକ୍ଷରୁ ଅନ୍ତରାଷ୍ଟ୍ରିୟ ପ୍ରିମିୟମ ସବ୍‌ସକ୍ରିପ୍ସନ ପ୍ଲାଟଫର୍ମ ଷ୍ଟାର୍ଜପ୍ଲେ ଏକତ୍ରୀତ ହୋଇଛନ୍ତି । ଏହି ସହଯୋଗୀତା ଏୟାରଟେଲର ଗ୍ରାହକମାନଙ୍କୁ ବହୁ ପ୍ରଶଂସିତ ଲାୟନସ୍‌ଗେଟ ଫିଚର ଫିଲ୍ମ କଣ୍ଟେଣ୍ଟର ଗଭୀର ପୋର୍ଟଫୋଲିଓ ପର୍ଯ୍ୟନ୍ତ ପହଞ୍ଚ ପ୍ରଦାନ କରିବ, ଯାହାକି ଏୟାରଟେଲ ଏକ୍ସଟ୍ରିମ ଆପ୍ ଏବଂ ୱେବ ପ୍ଲାଟଫର୍ମଗୁଡ଼ିକରେ ଉପଲବ୍ଧ ହେବ। ଏହି କଣ୍ଟେଣ୍ଟ ଗୁଡ଼ିକ ଏକାଧିକ ଭାଷାରେ ଉପଲବ୍ଧ ହେବା ସହ ହରର,ଡ୍ରାମା, କମେଡି ଏବଂ ଅନ୍ୟାନ୍ୟ ଜେନରରକୁ ସଂପ୍ରସାରିତ । ଲାୟନ୍‌ସଗେଟର ପ୍ରାରମ୍ଭିକ ଅଫରରେ ରହିଛି ବ୍ଲକବଷ୍ଟର ହଙ୍ଗର ଗେମସ ଏବଂ ଟ୍ୱିଲାଇଟ ସାଗା ଫ୍ରାଞ୍ଚାଇଜ, ଏକାଧିକ ଏକାଡେମୀ ପୁରସ୍କାର ବିଜେତା ଲା ଲା ଲ୍ୟାଣ୍ଡ ଏବଂ ଆନ୍ତର୍ଜାତୀୟ ସ୍ତରରେ ସଫଳତା ହାସଲ କରିଥିବା ୱଣ୍ଡର ଏବଂ ଏହା ବ୍ୟତୀତ ଏୟାରଟେଲର ଗ୍ରାହକମାନେ ଆହୁରି ଅନେକ ଆନ୍ତର୍ଜାତୀୟ ହିଟ୍‌ର ମଜା ନେଇପାରିବେ । ଏହି ସହବନ୍ଧିତା ସମ୍ପର୍କରେ ଭାରତୀ ଏୟାରଟେଲର ଚିଫ ପ୍ରଡକ୍ଟ ଅଫିସର ଶ୍ରୀ ଆଦର୍ଶ ନାୟର କହିଛନ୍ତି ଯେ, "ଆମେ ଏୟାରଟେଲ ଥ୍ୟାଙ୍କସ କାର୍ଯ୍ୟକ୍ରମର ଅଂଶ ଭାବେ ଆମ ଗ୍ରାହକଙ୍କ ପାଇଁ ଲାୟନ୍‌ସଗେଟ ଲାଇବ୍ରେରୀରୁ ଆକର୍ଷଣୀୟ କଣ୍ଟେଣ୍ଟ ନେଇ ଆଣିବା ପାଇଁ ଲାୟନ୍‌ସଗେଟ ସହ ହାତ ମିଳାଇ ବେଶ୍ ଉତ୍ସାହିତ ।" ଏହା ବ୍ୟତୀତ ଲାୟନ୍‌ସଗେଟ ପ୍ଲେ ସାଉଥ ଏସିଆର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରୋହିତ ଜୈନ କହିଛନ୍ତି ଯେ, "ଡିଜିଟାଲ ପ୍ଲାଟଫର୍ମରେ ପ୍ରିମିୟମ କଣ୍ଟେଣ୍ଟର ଉପଲବ୍ଧତାକୁ ବଢ଼ାଇବା ପାଇଁ ଟେଲ୍‌କୋଜ ଏକ ବୃହତ ଭୂମିକା ଗ୍ରହଣ କରିଥାଏ ଏବଂ ଆମେ ଏୟାରଟେଲ ଭଳି ସହଯୋଗୀ ପାଇ ବେଶ୍ ଗୌରବାନ୍ୱିତ ।"

# ମାଇକ୍ରୋଫାଇନାନ୍ସ-କେବଳ ଋଣ ପ୍ରଦାନରେ ସୀମିତ ନୁହେଁ

ଭୁବନେଶ୍ୱର: ଆମ ରାଜ୍ୟ ଓଡ଼ିଶାରେ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଗୋଷ୍ଠୀଗୁଡ଼ିକୁ, ମାଇକ୍ରୋ ଫାଇନାନ୍ସଗୁଡ଼ିକ କୌଣସି ବନ୍ଧକ ବ୍ୟତୀତ ଋଣ ପ୍ରଦାନକରି ବୈପ୍ଳବିକ ପରିବର୍ତନ ଆଣି ଦେଇଛନ୍ତି। ରାଜ୍ୟର ଦୁର୍ଗମ ଜିଲ୍ଲାଗୁଡ଼ିକରେ ଯେଉଁଠାରେ ଲୋକେ ଋଣ ବା କ୍ରେଡିଟର ସୁବିଧା ପାଉନଥିଲେ ଏହା ସେମାନଙ୍କୁ କେବଳ ଉପାର୍ଜନର ସୁଯୋଗ ପ୍ରଦାନ କରିନାହିଁ ସେମାନଙ୍କୁ ଦେଶର ବିକାଶ ସହିତ ତାଳ ଦେଇ ଆଗେଇ ଯିବାରେ ସହାୟକ ହୋଇଛି।ଓଡ଼ିଶାର ବିଭିନ୍ନ ଜିଲ୍ଲାର ଋଣଗ୍ରହିତାମାନେ ମନେ ପକାଇଥିଲେ କିପରି ଭାବରେ ଫନିର ତାଣ୍ଡବଲୀଳା ପରେ ମାଇକ୍ରୋଫାଇନାନ୍ସ ଇନଷ୍ଟିଟ୍ୟୁସନଗୁଡ଼ିକ ସହାୟତାର ହାତ ବଢ଼ାଇଥିଲେ। ରିଲିଫ୍ ସୁବିଧା ପହଂଚିବା ପୂର୍ବରୁ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନଗୁଡ଼ିକ ରିଲିଫ୍ ପ୍ରଦାନ କରିଥିଲେ।

ଖୋର୍ଦ୍ଧାର ବବିତା ସେନାପତି କହନ୍ତି, "ମୁଁ ମୋର ସବୁକିଛି ହରାଇଥିଲି ଏବଂ କ'ଣ କରିବି କିଛି ଜାଣିପାରୁନଥିଲି। ସତ୍ୟ ମାଇକ୍ରୋ କ୍ୟାପିଟାଲର୍ ଲୋନ୍ ଅଫିସର, ଯେଉଁଠାରୁ ମୁଁ ଋଣ ନେଇଥିଲି, ମୋତେ ବହୁତ ସାହାଯ୍ୟ କଲେ। ସେ ମୋତେ ଋଣ ପରିଶୋଧ କରିବା ପାଇଁ କହିନଥିଲେ ବରଂ ସେ କିପରି ମୋତେ ସାହାଯ୍ୟ କରିପାରିବେ ପଚାରିଥିଲେ। ଏହା ମୋ ହୃଦୟକୁ ଛୁଇଁଗଲା।"

ଓଡ଼ିଶାରେ କାର୍ଯ୍ୟ କରୁଥିବା ଅନ୍ୟତମ ସବୁଠାରୁ ପୁରୁଣା ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନ ଅନ୍ନପୂର୍ଣ୍ଣା ମାଇକ୍ରୋଫାଇନାନ୍ସର ନିର୍ଦ୍ଦେଶକ, ଦିବ୍ୟଜ୍ୟୋତି ପଟ୍ଟନାୟକ କହିଥିଲେ, "ଏହି ଋଣଗ୍ରହିତାମାନେ ଗୋଟିଏ ପରିବାର ପରି ହୋଇଗଲାଣି ଏବଂ ସେମାନଙ୍କ ମଧ୍ୟରେ ଭରସାର ବନ୍ଧନ ସୃଷ୍ଟି ହୋଇଛି। ଆଉ ଅସୁବିଧା ସମୟରେ ଆମେ ସେମାନଙ୍କୁ ସାହାଯ୍ୟ କରିବା ସାଧାରଣ କଥା। ଆମେ ବୁଝିଛୁ ଯେ ସେମାନେ ଏହି ପ୍ରାକୃତିକ ବିପର୍ଯ୍ୟୟରେ ଘରଦ୍ୱାର, ଧନସମ୍ପତି ହରାଇଛନ୍ତି ଏବଂ ଗଭୀର ଦୁଃଖ ମଧ୍ୟରେ ଗତି କରୁଛନ୍ତି। ସେହି ସମୟରେ ଋଣ ପରିଶୋଧ କରିବା ପାଇଁ ଚାପ ପକାଇବା ସେହି ଦୁଃଖକୁ ବଢ଼ାଇଦେବ।"

ଝାମି ଖଣ୍ଡି, ବାୟା ଫିନସର୍ଭର ଋଣଗ୍ରହିତା, ଯେ କି ପୁରୀର ବାସିନ୍ଦା, ପୁରୀରେ ଫନିର ଭୟଙ୍କର ପ୍ରଭାବ ପଡ଼ିଥିଲା, ସେ ମନେପକାନ୍ତି, "ମୁଁ ପାନ ପତ୍ର ବ୍ୟବସାୟ ପାଇଁ ୧୮,୦୦୦ ଟଙ୍କା ଋଣ ନେଇଥିଲି କିନ୍ତୁ ଫନି ଯୋଗୁଁ ଗୁରୁତର ପ୍ରଭାବ ପଡ଼ିଲା। କିନ୍ତୁ ବାୟା ଫିନସର୍ଭ ଆମକୁ ସାହାଯ୍ୟ କଲା। ବାତ୍ୟା ପରେ ତୁରନ୍ତ ଆମକୁ ଖାଦ୍ୟ, ବିସ୍କୁଟ୍ ଓ ପାଣି ପ୍ରଦାନ କରିଥିଲେ। ଏହାସହିତ ଆମକୁ ଶାଢ଼ି ଓ ଲୁଙ୍ଗି ମଧ୍ୟ ଦେଇଥିଲେ। ଖାଲି ସେତିକି ନୁହେଁ ବାୟା ଫିନସର୍ଭ ମଧ୍ୟ ମୋତେ ଆଉ ଗୋଟିଏ ଋଣ ଦେଇଥିଲେ ଯାହାକି ମୋ ପାନ ବ୍ୟବସାୟ ପୁଣି ଆରମ୍ଭ କରିବାରେ ସହାୟକ ହୋଇଥିଲା। ମୁଁ ସେମାନଙ୍କର ତୁରନ୍ତ ସହାୟତା ପାଇଁ ମଧ୍ୟ କୃତଜ୍ଞ।"

ଅଧିକାର ମାଇକ୍ରୋଫାଇନାନ୍ସର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ମହମ୍ମଦ ନୁରଉଦ୍ଦିନ୍ ଅମିନ୍, କହିଛନ୍ତି, "ଆମର ଋଣଗ୍ରହିତାମାନେ ନିମ୍ନ ଆୟବର୍ଗର ଅଟନ୍ତି। ସେମାନେ ଜୀବିକାରେ ଉନ୍ନତି ପାଇଁ ଋଣ ନେଇଥାନ୍ତି। ସେମାନେ ସଚ୍ଚୋଟ ଏବଂ କଠିନ ପରିଶ୍ରମୀ। ଅଧିକାଂଶ ଘଟଣାରେ ସେମାନେ ତାଙ୍କର ଗୃହର ପୁନଃ ନିର୍ମାଣ କରିଥାନ୍ତି ଏବଂ ସୁଯୋଗ ପାଇବା ମାତ୍ରେ ଯଥାଶୀଘ୍ର ସମ୍ଭବ ଋଣ ପରିଶୋଧ କରିଥାନ୍ତି। ତାହାସହିତ ସେମାନଙ୍କ ମଧ୍ୟରେ ଉତମ ଋଣ ଇତିହାସ ବା କ୍ରେଡିଟ୍ ହିଷ୍ଟ୍ରି ବିଷୟରେ ଯଥେଷ୍ଟ ସଚେତନତା ରହିଛି।"

ବାତ୍ୟା ଫନି ହେଉଛି ୧୯୯୯ ପରଠାରୁ ସବୁଠାରୁ ଭୟଙ୍କର ବାତ୍ୟା ଯାହାକି ଓଡ଼ିଶାର ଧ୍ୱଂସର ତାଣ୍ଡବଲୀଳା କରିଛି, ଏମଏଫଆଇଏନ୍, ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନର ଇଣ୍ଡଷ୍ଟ୍ରି ଆସୋସିଏସନ୍ କହିଛି, "ଆମ ପାଖରେ ଓଡ଼ିଶାରୁ ୨୭.୧ ଲକ୍ଷ ଋଣଗ୍ରହିତା ମହିଳା ଅଛନ୍ତି। ଯେତେବେଳେ ପ୍ରାକୃତିକ ବିପର୍ଯ୍ୟୟ ଦେଖା ଦେଲା, ଏହି ଫନିର ପ୍ରଭାବକୁ ଅତିକ୍ରମ କରିବା ପାଇଁ ସମସ୍ତ ମାଇକ୍ରୋଫାଇନାନ୍ସ ଇନଷ୍ଟିଚ୍ୟୁସନ ସହଯୋଗ କରିବା ସହ ସିଏସଆର୍ କାର୍ଯ୍ୟକଳାପ ପାଇଁ ଆଗେଇ ଆସିଥିଲେ। ସେମାନଙ୍କର ମିଳିତ ଉଦ୍ୟମ ପ୍ରଭାବିତ ଜିଲ୍ଲାଗୁଡ଼ିକର ପୁନର୍ଗଠନ ଓ ଜନଜୀବନ ସାଧାରଣ ଅବସ୍ଥାକୁ ଫେରି ଆସିବାରେ ସହାୟକ ହୋଇଛି।"

# ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ପାଜିଓ ଅଟୋ, ମହାରାଷ୍ଟ୍ର ପକ୍ଷରୁ କ୍ୟାମ୍ପସ୍ ଚୟନ




ଭୁବନେଶ୍ୱର,(ପିଏନ)-ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜି (ପଲିଟେକ୍ନିକ୍) କ୍ୟାମ୍ପସରେ ପାଜିଓ ଅଟୋ (ମହାରାଷ୍ଟ୍ର) ପକ୍ଷରୁ କ୍ୟାମ୍ପସ୍ ଚୟନ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଗଣେଶ ଇନିଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ମେକାନିକାଲ, ଅଟୋମୋବାଇଲ ବିଭାଗରୁ ମୋଟ୍ ୬୦ରୁ ଊର୍ଦ୍ଧ ଛାତ୍ର ଅଂଶଗ୍ରହଣ କରିଥିଲେ । ତନ୍ମଧ୍ୟରୁ ୧୫ ଜଣ ଛାତ୍ର ଚୟନ ହୋଇଥିଲେ । ଏହି ଚୟନ ପ୍ରକିୟାକୁ କମ୍ପାନୀ ପକ୍ଷରୁ ଶ୍ରୀଯୁକ୍ତ ବିନ୍ କୁମାର ସାଲ୍‌ଭେ (ମ୍ୟାନେଜର, ଏଚ୍.ଆର୍), ବିଜୟ କାଡୁ (ମ୍ୟାନେଜର, ପ୍ରଡ଼କସନ) ଓ କଲେଜ୍ ଅଧକ୍ଷ ପ୍ରଫେସର୍ ପ୍ରସନ୍ନ କୁମାର ବେହେରା ଏବଂ ଶ୍ରୀଯୁକ୍ତ ବିକ୍ରମ କିଶୋର ମିଶ୍ର ପରିଚାଳନା କରିଥିଲେ ।

## ସ୍ଲିପ୍‌ୱେଲ୍‌ର ନୂଆ 'ଏକ୍ସପେରିଏନ୍ସିଆଲ' ସୋ ରୁମ୍



ଭୁବନେଶ୍ୱର: ସ୍ଥାନୀୟ ଉଡ୍‌ଆଟ୍‌ର ସୋରୁମ୍‌ରେ ସ୍ଲିପ୍‌ୱେଲ୍‌ର ନୂତନ ରିଟେଲ୍ ସୋରୁମ୍ ଏକ୍ସପେରିଏନ୍ସିଆଲ୍‌ର ଉଦ୍‌ଘାଟନ ହୋଇଯାଇଛି । ପାଖାପାଖି ୧୦୦ ଟି ଡିଷ୍ଟ୍ରିବ୍ୟୁଟର ଏବଂ ୬୦୦୦ ଡିଲରମାନଙ୍କ ସହଯୋଗରେ ୧୧ଟି ରାଜ୍ୟରେ ଏହି ବ୍ରାଣ୍ଡର ସାମଗ୍ରୀ ଗ୍ରାହକମାନଙ୍କ ପାଖରେ ପହଂଚିପାରିଛି। ଉତ୍କୃଷ୍ଟତାର ଅନ୍ୟନାମ ଭାବରେ ସ୍ଲିପ୍‌ୱେଲ୍ ଏହାର ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ମ୍ୟାଟ୍ରେସେସ୍ ଯୋଗାଇ ଆସିଛି। ବେଡିଂ ଏବଂ ହୋମ୍ କମ୍ଫର୍ଟ ପ୍ରଡକ୍ଟ କ୍ଷେତ୍ରରେ ସ୍ଲିପ୍‌ୱେଲ୍‌ର ସର୍ବୋକୃଷ୍ଟ ଏବଂ ଏହି ସାମଗ୍ରୀ ବଜାରରେ ନୂତନତା ଆଣିଥିବା ଏହି ବ୍ରାଣ୍ଡର ନୂତନ ସୋରୁମ୍‌ରେ ବିଭିନ୍ନ ପ୍ରକାରର ମ୍ୟାଟ୍ରେସ୍ ଯଥା: କମ୍ଫର୍ଟ ସେଲ, ମାଇଁ ମ୍ୟାଟ୍ରେସେସ୍, ମାଇଁ ପିଲୋ, ହୋମ୍ ପ୍ରଡକ୍ଟସ୍ ଇତ୍ୟାଦି ଉପଲବ୍ଧ ହେବ। ଏହାଛଡା ବେଡ୍‌ସିଟ୍, ପିଲୋ ଏବଂ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଏଠାରେ ଏକ ସ୍ୱତନ୍ତ୍ର କର୍ଣ୍ଣର ରଖାଯାଇଛି ଯାହାର ନାମ ଫର୍ଣ୍ଣଚର୍ କୁସନିଂ। ଏହା ୧୦୦୦ ଟଙ୍କାରୁ ଆରମ୍ଭ କରି ୫୦,୦୦୦ପର୍ଯ୍ୟନ୍ତ ପ୍ରାଇସ୍ ରେଞ୍ଜରେ ଉପଲବ୍ଧ ହୋଇପାରିବ। ୱାର୍ଲ୍ଡ କ୍ଲାସ୍ କମ୍ଫର୍ଟର ମ୍ୟାଟ୍ରେସେସ୍ ଗ୍ରାହକମାନଙ୍କ ପାଖରେ ପହଂଚାଇବାର ଏବଂ ସୁଲଭ ଦରରେ ଉତ୍କୃଷ୍ଟ ସାମଗ୍ରୀ ଯୋଗାଇ ପାରୁଥିବା ସ୍ଲିପ୍‌ୱେଲ୍ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି। ଏହି ସ୍ୱତନ୍ତ୍ରତାକୁ ଆଗକୁ ବଢାଇବାକୁ ଯାଇ ନୂତନ ଭାବେ ଉଦ୍‌ଘାଟନ ହୋଇଥିବା ସ୍ଲିପ୍‌ୱେଲ୍‌ର ଏହି ରିଟେଲ ସୋରୁମ୍ ଗ୍ରାହକମାନଙ୍କୁ ଆକର୍ଷିତ କରିବା ଏବଂ ୫୦ବର୍ଷର ପୁରାତନ ଏହି ବ୍ରାଣ୍ଡ ଭବିଷ୍ୟତରେ ନିଜର ଉତ୍କୃଷ୍ଟତାର ପରିଚୟ ବଜାୟ ରଖିପାରିବ ବୋଲି ଆଶା କରାଯାଇଛି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray